ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

ପାଠ୍ୟକ୍ରମ - ୨

ଭାରତରେ ଗ୍ରାମୀଣ ବିକାଶ

ବ୍ଲକ୍

# ୪

ପ୍ରଥମ ଏକକ :

ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (IRDP), ଆତ୍ମନିଯୁକ୍ତି ପାଇଁ ଗ୍ରାମୀଣ ଯୁବକଙ୍କ ପ୍ରଶିକ୍ଷଣ (TRYSEM), ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (MGNREGA), ଇନ୍ଦିରା ଆବାସ ଯୋଜନା (IAY), ଜୀବନଜୀବିକା ମିଶନ, ସ୍ୱାସ୍ଥ୍ୟ ମିଶନ, ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (PMGSY)

ଦ୍ୱିତୀୟ ଏକକ :

ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ ଏବଂ ସ୍ୱାୟୀତ୍ତ୍ୱତା

# ବିଶେଷଜ୍ଞ ମଣ୍ଡଳୀ


| | | |
|---|---|---|
| ୧. | ଶ୍ରୀ ଜଗଦାନନ୍ଦ<br>ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ<br>ଏବଂ ସହ-ଉଦ୍ୟୋଗୀ ,<br>ସି,.ଡି.ଏସ.ୱାଇ.ଭୁବନେଶ୍ୱର | ଅଧ୍ୟକ୍ଷ |
| ୨. | ଡକ୍ଟର ଶ୍ରୁତି ମହାପାତ୍ର<br>ମୁଖ୍ୟ ନିର୍ବାହୀ,<br>ସ୍ୱାଭିମାନ , ଭୂବନେଶ୍ୱର | ସଭ୍ୟା |
| ୩. | ଡକ୍ଟର ଧର୍ମବ୍ରତ ମହାପାତ୍ର<br>ବିଭାଗୀୟ ମୁଖ୍ୟ ,ଗ୍ରାମ୍ୟବିକାଶ ବିଭାଗ<br>ରେଭେନ୍ସା ବିଶ୍ୱବିଦ୍ୟାଳୟକଟକ , | ସଭ୍ୟ |
| ୪. | ଡକ୍ଟର ମେରୀବାଗେ .ଜି .<br>ପ୍ରାଧ୍ୟାପକ,ଗ୍ରାମ୍ୟ ବିକାଶ ବିଭାଗ ,<br>ଉତ୍କଳ ବିଶ୍ୱବିଦ୍ୟାଳୟଭୁବନେଶ୍ୱର , | ସଭ୍ୟା |
| ୫. | ଶ୍ରୀମତୀ ଦୀପ୍ତି ରାୟ<br>ସହ-ପ୍ରାଧ୍ୟାପିକାଗ୍ରାମ୍ୟ ପରିଚାଳନା ବିଭାଗ ,<br>ନିଶ୍ୱାସଭୁବନେଶ୍ୱର , | ସଭ୍ୟା |
| ୬. | ଡକ୍ଟର ରବିନ୍ଦ୍ର ଗରାଡେ<br>ପ୍ରାଧ୍ୟାପକ,ଗ୍ରାମ୍ୟ ବିକାଶ ବିଭାଗ ,<br>ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର , | ନିମନ୍ତ୍ରିତ ସଭ୍ୟ |
| ୭. | ଏସ. ଟି. ରେହମାନ<br>ଶିକ୍ଷଣ ପରାମର୍ଶଦାତା,<br>ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର | ସଂଯୋଜକ |



| ଲେଖକ : | ଅନୁବାଦକ : | ସଂପାଦକ : |
|---|---|---|
| ଶ୍ରୀମତି ସଂଗୀତା ପଣ୍ଡା<br>ରେଭେନ୍ସା ବିଶ୍ୱବିଦ୍ୟାଳୟ<br>କଟକ, ଓଡ଼ିଶା | ଡଃ ଏସ୍.ଟି. ରେହମାନ<br>ଶିକ୍ଷଣ ପରାମର୍ଶଦାତା<br>ଓ.ରା.ମୁ.ବି | ଶ୍ରୀ ଦେବବ୍ରତ ପୋଢ<br>ସହସମ୍ପାଦକ, ଓଟିଭି |


## Material Production


**Dr. Jayanta Kar Sharma**
Registrar
Odisha State Open University, Sambalpur



© OSOU, 2019. *ଭାରତରେ ଗ୍ରାମୀଣ ବିକାଶ* is made available under a Creative Commons Attribution ShareAlike4.0http://creativecommons.org/licences/by-sa/4.0



Printed by: Shri Mandir Publication, Sahid Nagar, Bhubaneswar

## ପ୍ରଥମ ଏକକ :

## ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (IRDP), ଆତ୍ମନିଯୁକ୍ତି ପାଇଁ ଗ୍ରାମୀଣ ଯୁବକଙ୍କ ପ୍ରଶିକ୍ଷଣ (TRYSEM), ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (MGNREGA), ଇନ୍ଦିରା ଆବାସ ଯୋଜନା (IAY), ଜୀବନଜୀବିକା ମିଶନ, ସ୍ୱାସ୍ଥ୍ୟ ମିଶନ, ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (PMGSY)

### ପଠନର ଉଦ୍ଦେଶ୍ୟ

- ଗ୍ରାମୀଣ ଭାରତରେ ଚାଲିଥିବା ପ୍ରତ୍ୟେକ ବିକାଶମୂଳକ ଯୋଜନାର ଉଦ୍ଦେଶ୍ୟ ବୁଝିବା
- ବିକାଶର ସୂଚକାଙ୍କ ଅନୁସାରେ କାର୍ଯ୍ୟକ୍ରମର ପ୍ରକାର ଭେଦ କରିବା
- ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ଏବଂ ପରିବର୍ତ୍ତନକୁ ପ୍ରମାଣିତ କରିବା

### ଢାଞ୍ଚା

୧.୧ ଭୂମିକା
୧.୨ ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (IRDP)
୧.୩ ଆତ୍ମନିଯୁକ୍ତି ପାଇଁ ଗ୍ରାମୀଣ ଯୁବକଙ୍କ ପ୍ରଶିକ୍ଷଣ (TRYSEM)
୧.୪ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (MGNREGA)
୧.୫ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY)
୧.୬ ଇନ୍ଦିରା ଆବାସ ଯୋଜନା (IAY)
୧.୭ଜାତୀୟ ଗ୍ରାମୀଣ ଜୀବନଜୀବିକା ମିଶନ (NRLM)/ଆଜୀବିକା
୧.୮ ସ୍ୱାସ୍ଥ୍ୟ ମିଶନ-(NRHM)
୧.୯ ସ୍ୱୟଂ ସହାୟକ ଗୋଷ୍ଠୀ-(SHGs)
୧.୧୦ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY)
୧.୧୧ ଉପସଂହାର
୧.୧୨ ପ୍ରମୁଖ ଶବ୍ଦ
୧.୧୩ ସହାୟକ ପୁସ୍ତକ

# ୧.୧ ଭୂମିକା

ଭାରତ ସ୍ୱାଧୀନତା ହେବାର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ୧୮୫୮ରେ ବ୍ରିଟିଶ ସରକାର କ୍ଷମତା ଅକ୍ତିଆର କରିବା ପରଠାରୁ ଦେଶରେ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଥିଲା । ଏପରିକି ପୁରାଣ ଯୁଗରେ ମଧ୍ୟ ଲୋକଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିର ବିକାଶକୁ ଗୁରୁତ୍ୱ ଦିଆଯାଉଥିଲା । ପୁରାତନ ଭାରତୀୟ ଗ୍ରନ୍ଥରୁ ମାନବ ସମ୍ପଦ ଏବଂ ଅର୍ଥନୈତିକ ବିକାଶର ସମ୍ପର୍କ ଥିବା ଜଣାପଡ଼େ । ଅର୍ଥବ ବେଦ, ଋକ୍ ବେଦରେ ଥିବା ଦୈନନ୍ଦିନ ପ୍ରାର୍ଥନାରେ ଏକାଠି ବଂଚିବା, ଏକାଠି କାମ କରିବା, ଏକାଠି ଜ୍ଞାନ ଆହରଣ କରିବା , ଆମର ଶିକ୍ଷା ଅଧିକ ଶକ୍ତିଶାଳୀ ହେବା ଆଦି ବାର୍ତ୍ତା ଦିଆଯାଇଛି । ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀ ପ୍ରାରମ୍ଭରେ କୌଟିଲ୍ୟ ଭାରତରେ ମାନବ ପରିଚାଳନା ନେଇ ଏକ ପ୍ରଣାଳୀଗତ ବ୍ୟବସ୍ଥା କରିଥିଲେ । ନିଜ ପୁସ୍ତକ ଅର୍ଥଶାସ୍ତ୍ରରେ କୌଟିଲ୍ୟ ନିଯୁକ୍ତି, ଯୋଗ୍ୟତା, ଚୟନ ପ୍ରକ୍ରିୟା, ବିକାଶ କାର୍ଯ୍ୟକାରିତା, ପ୍ରଣାଳୀ ଏବଂ ମୂଲ୍ୟାୟନ ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି ।

**ବ୍ରିଟିଶ ଶାସନ ସମୟରେ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ :**

୧୮୬୦ରୁ ୧୮୭୦ ମସିହା ଏବଂ ୧୮୯୦ରୁ ୧୯୦୦ ପର୍ଯ୍ୟନ୍ତ ଭାରତରେ ବହୁ ଦୁର୍ଭିକ୍ଷ ଓ ଖାଦ୍ୟାଭାବ ଦେଖିବାକୁ ମିଳୁଥିଲା । ଏହି ସମୟରେ ସରକାରୀ ଅଧିକାରୀମାନେ ଖାଦ୍ୟ ଶସ୍ୟକୁ ନିଜ ଅକ୍ତିଆରକୁ ନେଇ ଏହା ଯେଭଳି ଉଚିତ ଲୋକଙ୍କ ନିକଟକୁ ପହଞ୍ଚିପାରିବ ସେ ବ୍ୟବସ୍ଥା କରିଥିଲେ । ଗ୍ରାମୀଣ ଓ ଦେଶୀୟ ଲୋକଙ୍କ ପାଇଁ ଏଭଳି ମାନବିକତା ଆଭିମୁଖ୍ୟକୁ ଭାରତରେ ଗ୍ରାମୀଣ ବିକାଶର ଆରମ୍ଭ ବୋଲି କୁହାଯାଇପାରିବ । ୧୯୦୧ରୁ ୧୯୦୫ ମସିହା ପର୍ଯ୍ୟନ୍ତ ଭାରତର ଭାଇସ୍‌ରାୟ ଥିବା ଲର୍ଡ କର୍ଜନ୍ ବିହାରର ପୁସାରେ ଏକ ଗବେଷଣା ସଂସ୍ଥାନ ପ୍ରତିଷ୍ଠା କରିଥିଲେ । ଏହା ବର୍ତ୍ତମାନ ଭାରତୀୟ କୃଷି ଗବେଷଣ ସଂସ୍ଥାନ ଭାବେ ପରିଚିତ । ଆଉ ଏହା ନୂଆଦିଲ୍ଲୀରେ ରହିଛି । ସେହିପରି ୧୯୦୬ରେ ଆରମ୍ଭ ହୋଇଥିଲା ଭାରତୀୟ କୃଷି ସେବା ।

୧୯୨୦ ମସିହା ସେପଟେମ୍ବରରେ କଲିକତାରେ ହୋଇଥିବା କଂଗ୍ରେସ ଅଧିବେଶନରେ ବ୍ରିଟିଶ ସରକାରକୁ ଅସହଯୋଗ କରିବା ଲାଗି ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରତ୍ୟେକ ଘରେ ହାତ ଚରଖା, ହାତ ବୁଣାକୁ ପ୍ରୋତ୍ସାହିତ କରିବା ଲାଗି ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲା । ଏହା ଉକ୍ତ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଯେଉଁମାନେ କଂଚାମାଲ୍ ଏବଂ ଅନ୍ୟ ଆବଶ୍ୟକ ସାମଗ୍ରୀ ଅଭାବରେ ନିଜର ପେଶା ଛାଡ଼ି ଦେଉଥିଲେ । ଏହାପରେ ମହାତ୍ମା ଗାନ୍ଧୀ ବିକାଶ ପାଇଁ ଏକ ବିସ୍ତୃତ କାର୍ଯ୍ୟକ୍ରମର ବିକାଶ କରିଥିଲେ ଯେଉଁଥିରେ ଖଦୀ ଓ ଗାଁର କୁଟୀର ଶିଳ୍ପ, ମୌଳିକ ଓ ପ୍ରୌଢ଼ ଶିକ୍ଷା ଏବଂ ଦାରିଦ୍ର୍ୟ ଅସାମନତା ନିର୍ମୂଳ, ମହିଳାଙ୍କ ବିକାଶ ଏବଂ ଜାତୀୟ ଐକ୍ୟକୁ ପ୍ରୋତ୍ସାହନ ଦିଆଯିବା ସାମିଲ ଥିଲା । ସାରା ଦେଶର ଗ୍ରାମୀଣ ଅଂଚଳରେ ଏ ସବୁ କାର୍ଯ୍ୟକାରୀ କରିବା ଲାଗି ସେବାଗ୍ରାମ ଏବଂ ଓ୍ୱାର୍ଦ୍ଧା ପ୍ରମୁଖ କେନ୍ଦ୍ର ପାଲଟିଥିଲା ।

୧୯୨୧ରେ ଓ୍ୱାଇଏମ୍‌ସିଏର ସ୍ପେନସର୍ ହେଚ୍ ଦକ୍ଷିଣ ଟ୍ରାଭାନକୋରରେ ମରାଠା ଡ୍ୟାମ ଏକ୍ସପିରିମେଣ୍ଟ ଆରମ୍ଭ କରିଥିଲେ । ଗ୍ରାମୀଣ ବିକାଶ, ଧାର୍ମିକ, ମାନସିକ, ଶାରିରୀକ, ସାମାଜିକ ଏବଂ ଅର୍ଥନୈତିକ ପଛୁଆ ଶ୍ରେଣୀର ଲୋକଙ୍କ ସ୍ୱଚ୍ଛଳ ଜୀବନ ଯାପନ ଲାଗି ସେ ଏହି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ମରାଠା ଡ୍ୟାମ ଗ୍ରାମୀଣ ପୁର୍ନଗଠନ କେନ୍ଦ୍ର, ସ୍ୱଂୟ ସହାୟକ ନୀତିରେ କାମ କରିଥିଲା । ଆଉ ଏହି ନୀତି ଆଧାରରେ

ବର୍ତ୍ତମାନର ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇ ଧାର ଦେବା ପ୍ରଣାଳୀ ଆରମ୍ଭ ହୋଇଛି । ସେତେବେଳ ଗୁରୁଗାଓଁ ଜିଲ୍ଲାର ଡେପୁଟି କମିଶନର ଥିବା ଏଫ.ଏଲ୍. ବ୍ରାୟନେ୍ ୧୯୨୦ରେ ଗାଁଗୁଡ଼ିକର ବିକାଶ ପାଇଁ ଏକ ଆନ୍ଦୋଳନ ଆରମ୍ଭ କରିଥିଲେ । ଏହାକୁ ଗୁରଗାଓଁ ଯୋଜନା ବୋଲି କୁହାଗଲା । ଏହାର ଉଦ୍ଦେଶ୍ୟ ଥିଲା ଗରିବ ଓ ତାର ପରିବାରକୁ ଦୟନୀୟ ସ୍ଥିତିରୁ ଉଦ୍ଧାର କରି ଏକ ସୁସ୍ଥ ଓ ସ୍ୱଚ୍ଛନ୍ଦ ଜୀବନର ବ୍ୟବସ୍ଥା କରିବା । ୧୯୩୨ରେ ବରୋଦାରେ ଏକ ଗ୍ରାମୀଣ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅର୍ଥନୈତିକ, ଶୈକ୍ଷିକ ତଥା ନୈତିକ କାର୍ଯ୍ୟକ୍ରମ ପାଇଁ ଗ୍ରାମୀଣ ଥଇଥାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ୧୯୪୬ରେ ୩୪ ଫିକ୍ରାରେ ମାଡ୍ରାସର ଫିକ୍ରା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସ୍ଥାନୀୟ ନେତୃବୃନ୍ଦଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ମଧ୍ୟରେ ସ୍ୱୟଂସହାୟକ ଭାବକୁ ଆପଣାଇବା ଲାଗି ଏହା ଆରମ୍ଭ ହୋଇଥିଲା ।

**ଯୋଜନା କାଳରେ ବିକାଶ କାର୍ଯ୍ୟକ୍ରମ :**

ସ୍ୱାଧୀନତା ପରେ ବିଭିନ୍ନ ପାଞ୍ଚବର୍ଷିଆ ଯୋଜନା କାଳରେ ଦାରିଦ୍ର୍ୟ ଦୂରୀକରଣ ଏବଂ ବେକାରି ମୁଖ୍ୟ ଉଦ୍‌ବେଗ ହୋଇ ରହିଥିଲା । ୧୯୫୨ ମସିହା ଅକ୍ଟୋବର ୨ ତାରିଖରେ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା କମ୍ୟୁନିଟି ଡେଭଲପ୍‌ମେଣ୍ଟ୍ ପ୍ରୋଗାମ୍-ସିଡିପି ଆରମ୍ଭ କରିଥିଲେ । ଆଉ ଏହା ଭାରତୀୟ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଚିହ୍ନ ହୋଇ ରହିଯାଇଛି । ବିକାଶରେ ଲୋକଙ୍କ ଭାଗିଦାରୀ କରିବାରେ ଏହା ପ୍ରମୁଖ ଯୋଜନା ପାଲଟିଥିଲା । ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ନିଲୋଖେରି ଏବଂ ଫରିଦାବାଦେର ବିଭିନ୍ନ ଯୋଜନା ଜାରି ରହିଥିଲା । ୧୯୪୮ରୁ ଇଟାଓ୍ୱା ପାଇଲଟ୍ ପ୍ରୋଜେକ୍ଟ ଚାଲିଥିଲା । କୃଷିକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଯୋଗାଯୋଗ,ସ୍ୱାସ୍ଥ୍ୟ,ପରିମଳ, ଗୃହନିର୍ମାଣ,ନିଯୁକ୍ତି,ଶିଶୁ କଲ୍ୟାଣ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ମଧ୍ୟ ସାମିଲ କରାଯାଇଥିଲା ।

## ୧.୨ ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ-ଆଇଆରଡିପି (IRDP)

ଯୋଜନାବଦ୍ଧ ବିକାଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦାରିଦ୍ର୍ୟ ନିର୍ମୂଳ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାକାଳରେ ଗରିବ ଲୋକଙ୍କ ନିକଟରେ ସିଧା ପହଞ୍ଚିବାର ରଣନୀତି ଓ ନୀତି ଆରମ୍ଭ ହୋଇଥିଲା । ଗରିବ ଲୋକଙ୍କ ସମ୍ବଳ ଆଧାରକୁ ଉନ୍ନତ କରିବା ଏବଂ ସେମାନଙ୍କୁ ଉତ୍ପାଦନ ଓ ଆୟ ସୃଷ୍ଟିକାରୀ ଅର୍ଥନୀତିରେ ସାମିଲ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହାକୁ ଦୃଷ୍ଟିରେ ରଖି ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (IRDP) ଆରମ୍ଭ କରାଯାଇଥିଲା । ଆରମ୍ଭରେ ଦେଶର ୨୩୦୦ ବ୍ଲକରେ ଆରମ୍ଭ ହୋଇଥିଲା IRDP । କିନ୍ତୁ ୧୯୮୦ ମସିହା ଅକ୍ଟୋବର ୨ ତାରିଖରେ ଏହାକୁ ସାରା ଦେଶର ସବୁ ବ୍ଲକକୁ ସମ୍ପ୍ରସାରିତ କରାଯାଇଥିଲା ।

**ଯୋଜନା କାର୍ଯ୍ୟକାରୀତା :**

IRDPର ମୁଖ୍ୟ ଲକ୍ଷ୍ୟ ଥିଲା ଗ୍ରାମୀଣ ଲୋକଙ୍କ ପାଇଁ ଆୟ ସୃଷ୍ଟିକାରୀ ସମ୍ବଳ ଯୋଗାଇବା ଓ ଆତ୍ମନିଯୁକ୍ତି ସଯୋଗ ସୃଷ୍ଟି କରିବା । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ପରିବାରଙ୍କୁ IRDP ଅଧୀନରେ ସହାୟତା ଯୋଗାଇ ଦିଆଯାଇଥାଏ। ସରକାରୀ ସବସିଡ଼ି ଏବଂ ଆର୍ଥିକ ସଂସ୍ଥାରୁ ଋଣ ଆକାରରେ ଏହି ସହାୟତା ପ୍ରଦାନ କରାଯାଇଥାଏ ।

### ରାଜ୍ୟଗୁଡ଼ିକୁ ଆବଣ୍ଟିତ ହେଉଥିବା ପାଣ୍ଠି ପାଇଁ ମାନଦଣ୍ଡ :

ଯୋଜନା କମିଶନଙ୍କ ବିଧିବଦ୍ଧ ଆକଳନ ଆଧାରରେ ପ୍ରତ୍ୟେକ ରାଜ୍ୟର ଦାରିଦ୍ର୍ୟ ସ୍ତରକୁ ଦେଖି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପାଣ୍ଠି ଆବଣ୍ଟନ କରିଥାନ୍ତି । ପ୍ରତି ୫ ବର୍ଷରେ ହେଉଥିବା ଜାତୀୟ ନମୁନା ସର୍ବେକ୍ଷଣ ସଂଗଠନ ଏବଂ ଖାଉଟି ଖର୍ଚ୍ଚ ସର୍ବେକ୍ଷଣ ଆଧାରରେ ଯୋଜନା କମିଶନ ଦାରିଦ୍ର୍ୟ ସ୍ଥିତିର ଆକଳନ କରିଥାନ୍ତି । ବିଭିନ୍ନ ଜିଲ୍ଲାଗୁଡ଼ିକୁ ଦିଆଯାଉଥିବା ପାଣ୍ଠି, ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫର୍ମୁଲା ଆଧାରରେ ପାଣ୍ଠି ବଣ୍ଟାଯାଇଥାଏ । ପରେ ଏହା ସମ୍ପୃକ୍ତ ରାଜ୍ୟର ବିଭିନ୍ନ ଡିଆରଡିଏ ଦ୍ୱାରା ବିଭିନ୍ନ ବ୍ଲକକୁ ଯାଇଥାଏ ।

### କେଉଁମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥାଏ :

ଏହି ଯୋଜନାରେ କ୍ଷୁଦ୍ର ଓ ମଧ୍ୟମ ଚାଷୀ, କୃଷି ଶ୍ରମିକ ଏବଂ ଗାଁ କାରିଗରଙ୍କୁ ସାମିଲ କରାଯାଇପାରେ। ଯୋଜନା ଅନୁସାରେ ଏମାନଙ୍କୁ ଟାର୍ଗେଟ ଗ୍ରୁପ୍ ବୋଲି କୁହାଯାଇଥାଏ । ଯୋଜନାରେ ସାମିଲ କରାଯାଉଥିବା ଏହି ପରିବାର ବା ବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ ଦାରିଦ୍ର୍ୟ ସୀମା ରେଖା (ଯାହାକି ବିଭିନ୍ନ ରାଜ୍ୟ ପାଇଁ ୨୧୬.୬୫ ଟଙ୍କାରୁ ୩୨୭.୪୮ ଟଙ୍କା ମଧ୍ୟରେ ରହିଥାଏ)ରୁ ଅଧିକ ହେବା କଥା ନୁହେଁ । ତେବେ ଏହି ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣ କରିଥାନ୍ତି ଯୋଜନା କମିଶନ । ସବୁ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖାର ଗଣନା କରାଯାଇଥାଏ । ଆଉ ସଂଶୋଧିତ ଦାରିଦ୍ର୍ୟ ସୀମାରେଖା ବିଭିନ୍ନ ବିପିଏଲ୍ ପରିବାରକୁ ବର୍ଗୀକରଣ କରିବାରେ ବ୍ୟବହୃତ ହୋଇଥାଏ ।

### ଟାର୍ଗେଟ୍ ଗ୍ରୁପ ଭିତରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି । ସେଗୁଡ଼ିକ ହେଲା -

- ତଫସିଲଭୁକ୍ତ ଜାତି/ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ଫାଇଦା
- ମହିଳାଙ୍କ ପାଇଁ ୪୦ ପ୍ରତିଶତ ଏବଂ
- ଶାରୀରିକ ଭିନ୍ନକ୍ଷମ ବା ଦିବ୍ୟାଙ୍ଗଙ୍କ ପାଇଁ ୩ ପ୍ରତିଶତ
- ମହିଳା ମୁଖ୍ୟ ଥିବା ପରିବାର, ହସ୍ତାନ୍ତର ଦ୍ୱାରା ପାଇଥିବା ଜମି, ମୁକ୍ତ ଗୋତି ଶ୍ରମିକ ଏବଂ କ୍ଷୁଦ୍ର ପରିବାରର ଧାରାକୁ ଗ୍ରହଣ କରିଥିବା ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଇଥାଏ । ତେବେ ତଫସିଲଭୁକ୍ତ ଜାତି/ଜନଜାତି, ମହିଳା ଏବଂ ଦିବ୍ୟାଙ୍ଗଙ୍କୁ ସ୍ୱାର୍ଥ ଯେଭଳି ପ୍ରଭାବିତ ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବା ଜରୁରୀ ।

### କେତେ ସବ୍‌ସିଡି ଦିଆଯାଇଥାଏ

କାହାକୁ କେତେ ସବସିଡ଼ି ଦିଆଯାଇଥାଏ

- କ୍ଷୁଦ୍ର ଚାଷୀଙ୍କୁ ପାଇଁ ୨୫ ପ୍ରତିଶତ
- ମଧ୍ୟମ ଚାଷୀ, କୃଷି ଶ୍ରମିକ ଏବଂ ଗ୍ରାମୀଣ କାରିଗରଙ୍କ ପାଇଁ ୩୩ରୁ ୧ ପ୍ରତିଶତ ଏବଂ
- ତଫସିଲଭୁକ୍ତ ଜାତି ଜନଜାତି ହିତାଧିକାରୀ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ୫୦ ପ୍ରତିଶତ ବ୍ୟକ୍ତିଗତ କ୍ଷେତ୍ରରେ ସବ୍‌ସିଡି ଉପରେ ଲାଗୁଥିବା ସେଲିଂ
- ସାଧାରଣ ଅଂଚଳ ପାଇଁ ୪ ହଜାର ଟଙ୍କା
- ଡିପିଏପି/ଡିଡିପି ଅଂଚଳ ପାଇଁ ୫ ହଜାର ଟଙ୍କା
- ଏସ୍‌ସି/ଏସ୍‌ଟି ପରିବାର ଏବଂ ଦିବ୍ୟାଙ୍ଗଙ୍କ ପାଇଁ ୬ ହଜାର ଟଙ୍କା
- ବେକାର ଶିକ୍ଷିତ ଯୁବକଙ୍କ ପାଇଁ ୭ ହଜାର ୫୦୦ ଟଙ୍କା ବା ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ, ଯାହା କମ୍ ହୋଇଥିବ

- ଅତି କମ୍‌ରେ ୫ ଜଣଙ୍କୁ ନେଇ ଚାଲିଥିବା କାର୍ଯ୍ୟକ୍ରମ ପାଇଁ ସେଲିଂ ୧.୨୫ ଲକ୍ଷ ବା ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ, ଯାହା କମ୍ ହୋଇଥିବ

**କାର୍ଯ୍ୟକାରୀ ଏଜେନ୍ସି :**

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସି/ଜିଲ୍ଲା ପରିଷଦ କାର୍ଯ୍ୟକାରୀ ଏଜେନ୍ସି ଭାବେ ଏହି ଯୋଜନା କାର୍ଯ୍ୟକାରୀ କରିଥାଏ । ଜିଲ୍ଲାସ୍ତରରେ ଥିବା ଗଭର୍ଣ୍ଣିଂ ବଡି ଡିଆରଡିଏକୁ ନିର୍ଦ୍ଦେଶାବଳୀ ଏବଂ ଦିଗ ଯୋଗାଇଥାଏ । ଏଥିରେ ସ୍ଥାନୀୟ ସାଂସଦ, ବିଧାୟକଗଣ, ଜିଲ୍ଲା ପରିଷଦର ଅଧ୍ୟକ୍ଷ, ଜିଲ୍ଲା ଉନ୍ନୟନ ବିଭାଗଗୁଡ଼ିକର ମୁଖ୍ୟ ଏବଂ ଏସ୍‌ସି/ଏସ୍‌ଟି, ମହିଳା ଏବଂ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ସଦସ୍ୟ ଥାଆନ୍ତି । ତୃଣମୂଳସ୍ତରରେ ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ-ବିଡିଓ ବ୍ଲକର ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଗ୍ରାମ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ସାହାଯ୍ୟରେ କାର୍ଯ୍ୟକାରୀ କରିଥାନ୍ତି ।

**କିଭଳି ଆସେ ପାଣ୍ଠି :**

କେନ୍ଦ୍ର ଓ ରାଜ୍ୟ ୫୦-୫୦ ପ୍ରତିଶତ ଅନୁପାତ ଆଧାରରେ IRDPକୁ ଅନୁଦାନ ଦେଇଥାନ୍ତି । ଏହି ଅନୁଦାନ ବିଭିନ୍ନ ଡିଆରଡିଏ ଗୁଡ଼ିକୁ ଦିଆଯାଇଥାଏ ।

**ବିପିଏଲ୍ ଗଣନା ଏବଂ ହିତାଧିକାରୀଙ୍କ ଚୟନ :**

ଗରିବ ପରିବାରକୁ ସହାୟତା ଯୋଗାଇ ଦେବା ଲାଗି ପ୍ରତି ୫ ବର୍ଷିଆ ଯୋଜନାର ଆରମ୍ଭରୁ ଗ୍ରାମାଞ୍ଚଳ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ତରଫରୁ ରାଜ୍ୟଗୁଡ଼ିକ ବିପିଏଲ ଗଣନା କରୁଥିଲେ । IRDPର ଆରମ୍ଭରୁ ଗ୍ରାମସଭା ହିତାଧିକାରୀଙ୍କ ଚିହ୍ନଟ ଓ ଚୟନ ପ୍ରକ୍ରିୟାରେ ସାମିଲ ହୋଇଥାଏ । ସର୍ବେକ୍ଷଣ ସରିବା ପରେ ଏହାକୁ ଗ୍ରାମସଭାରେ ଯାଞ୍ଚ କରାଯାଏ । ଆଉ ଏହା ଥରେ ଅନୁମୋଦନ ଲାଭ କରିବା ପରେ ଏକ ତାଲିକା ପ୍ରସ୍ତୁତ ହୋଇଥାଏ । ଆଉ ଏହି ତାଲିକାକୁ ପଞ୍ଚାୟତ ସମିତି/ ବ୍ଲକ ଅଫିସ ଏବଂ ଡିଆର୍‌ଡିଏକୁ ପଠାଯାଇଥାଏ ।

**ପ୍ରମୁଖ ଅଂଚଳର ଚିହ୍ନଟ ଏବଂ ହିତାଧିକାରୀଙ୍କ ଲାଗି ପ୍ରକଳ୍ପର ଚୟନ**

ହିତାଧିକାରୀଙ୍କ ପ୍ରୋଜେକ୍ଟ ପ୍ରୋଫାଇଲ୍ ପ୍ରସ୍ତୁତ କରିବା ବେଳେ ହିତାଧିକାରୀଙ୍କ ଆବଶ୍ୟକତା ଏବଂ ଏଥିରେ ସ୍ଥାନୀୟ ସମ୍ବଳର ଉପଯୋଗିତାକୁ ସାମିଲ କରାଯାଏ । ପ୍ରକଳ୍ପ ପ୍ରୋଫାଇଲ କରିବା ସମୟରେ ଯେଉଁ ବର୍ଷ ପାଇଁ କରାଯାଉଥିବା ନିବେଶ, ବିପିଏଲ୍ ପରିବାରର କାର୍ଯ୍ୟକଳାପ, ଲିଙ୍କେଜ୍ ଆଗୁଆ ଏବଂ ପଛୁଆ ଏବଂ ଭିତ୍ତିଭୂମି ସହାୟତା ବିଚାରକୁ ନିଆଯାଇପାରେ ।

**କ୍ରେଡିଟ୍ ଟାର୍ଗେଟ୍ :**

ବର୍ଷ ଆରମ୍ଭରୁ RDI ପାଇଁ ସର୍ବଭାରତୀୟ ସହ ରାଜ୍ୟସ୍ତରରେ ଋଣକୁ ନିର୍ଦ୍ଧାରିତ କରାଯାଇଥାଏ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନାବାର୍ଡ ଏବଂ ଅଂଶଗ୍ରହଣକାରୀ ବ୍ୟାଙ୍କ ସହ ପରାମର୍ଶରେ ଏ ସବୁ କରାଯାଇଥାଏ। ସବ୍‌ସିଡ଼ି ପାଇଁ ସାଧାରଣତଃ ୨:୧ ଅନୁପାତରେ ଋଣ ଆସିଥାଏ । ତେବେ ଋଣ-ସବସିଡି ଯେଭଳି ୨:୧ ଅନୁପାତରୁ ବଢ଼ିବ ସେଥିପ୍ରତି ଉଦ୍ୟମ ହୋଇଥାଏ । ସମାନ୍ତରାଳ ମାଗଣା ଋଣ ପାଇଁ ସେଲିଂ ଲିମିଟ୍ ୫୦ ହଜାର ଟଙ୍କାକୁ ଧାର୍ଯ୍ୟ କରାଯାଇଛି ।

**ଅଧିକାର ଏବଂ ଅର୍ଥ ବଣ୍ଟନ ଯୋଜନା :**

ହିତାଧିକାରୀଙ୍କ ପାଇଁ ଯେଉଁ ସମ୍ପତି ବା ସାମଗ୍ରୀ କିଣାଯିବ ତାହା ଆର୍ଥିକ ମୂଲ୍ୟ ଦୃଷ୍ଟିରୁ ଉଚ୍ଚ ମାନର ଏବଂ ହିତାଧିକାରୀଙ୍କ ସନ୍ତୁଷ୍ଟି ଅନୁସାରେ ହେବା ଦରକାର ।

ସାଧାରଣତଃ IRDP ଅଧିନରେ ହିତାଧିକାରୀମାନଙ୍କୁ ଟଙ୍କା ବଦଳରେ ବିଭିନ୍ନ ସାମଗ୍ରୀ ଦିଆଯାଇଥାଏ। କିନ୍ତୁ ବେଳେ ବେଳେ ଉନ୍ନତ ମାନର ସାମଗ୍ରୀ ବା ସମ୍ପତ୍ତି କିଣିବା ବେଳେ ହିତାଧିକାରୀ ଏହାର ମାନ ବା ମୂଲ୍ୟକୁ ନେଇ ସନ୍ତୁଷ୍ଟ ହୋଇ ନ ଥାଏ । ଅଭିଜ୍ଞତାରୁ ଜଣାପଡ଼ିଛି ଯେ, ସମ୍ପତ୍ତି ବା ଆବଶ୍ୟକ ସାମଗ୍ରୀ କିଣିବା ସମୟରେ ହିତାଧିକାରୀଙ୍କ ଅନୁଭବକୁ ଗୁରୁତ୍ୱ ଦିଆଯାଇଥାଏ । ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରିବା ଦ୍ୱାରା ହିତାଧିକାରୀର ମୂଳଚାଲ କରିବା କ୍ଷମତା ବଢିଥାଏ ଏବଂ ଏହାଦ୍ୱାରା ଅଯଥା ବିଳମ୍ବକୁ ଏଡ଼ାଇ ଦିଆଯାଇପାରିବ । ତେବେ ୧୯୯୧-୯୨ ପରେ ନିଷ୍ପତି ନିଆଗଲା ଯେ, ଟଙ୍କା ବଣ୍ଟନ ଯୋଜନାରେ ହିତାଧିକାରୀକୁ ହିଁ ଟଙ୍କା ଦିଆଯିବ । ଏହାଦ୍ୱାରା ସାମଗ୍ରୀ କିଣିବା ବେଳେ ହିତାଧିକାରୀର ନିକଟରେ ପସନ୍ଦ କରିବା କ୍ଷମତା ରହିବ । ଆରମ୍ଭରେ ଏହା ୫୦ ପ୍ରତିଶତ ବ୍ଲକରେ କାର୍ଯ୍ୟକାରୀ କରାଯାଇଥିଲା । ତେବେ ୧୯୯୬-୯୭ ବର୍ଷ ପରେ ଏହାକୁ ସାରା ଦେଶର ବ୍ଲକରେ କାର୍ଯ୍ୟକାରୀ କରାଗଲା ।

### ସବ୍‌ସିଡି ପ୍ରଦାନ (ପଛୁଆ-ସବ୍‌ସିଡ଼ି) :

ଆରମ୍ଭରେ ବ୍ୟାଙ୍କ ଋଣ ଅର୍ଥ ପ୍ରଦାନ କରିବା ପରେ ସବ୍‌ସିଡ଼ି ଅର୍ଥ ଡିଆରଡିଏ ଆକାଉଣ୍ଟରୁ କଟିଯାଇ ହିତାଧିକାରୀଙ୍କ ଆକାଉଣ୍ଟ୍‌ରେ ଜମା ହୋଇଯାଉଥିଲା । ଆରମ୍ଭରୁ ସବ୍‌ସିଡ଼ି ଆଡଜଷ୍ଟ କରାଯିବାକୁ ଫ୍ରଣ୍ଟ୍ ଏଣ୍ଡ ସବ୍‌ସିଡି କୁହାଗଲା । ତେବେ ଜଣାପଡିଲା ଯେ, ସବ୍‌ସିଡ଼ି ପାଇବା ଲାଗି ହିତାଧିକାରୀମାନେ ଋଣକୁ ତୁରନ୍ତ ପରିଶୋଧ କରିଦେଉଛନ୍ତି । ତେଣୁ ଏହା ସବ୍‌ସିଡ଼ି ଅର୍ଥର ଅପବ୍ୟବହାର ବୋଲି ଜଣାଗଲା । ହିତାଧିକାରୀ ଯେଭଳି ସ୍ଥାୟୀ ଆୟ ସୃଷ୍ଟି କରିବେ ସେଥିଲାଗି ଫ୍ରଣ୍ଟ୍ ଏଣ୍ଡ ସବ୍‌ସିଡ଼ି ବ୍ୟବସ୍ଥାକୁ ବନ୍ଦ କରି ଦିଆଗଲା । ଶେଷ କିଛି କିସ୍ତି ପରିଶୋଧ ବେଳେ ସବ୍‌ସିଡ଼ି ଅର୍ଥକୁ ଅନ୍ତର୍ଭୁକ୍ତ କରାଗଲା। ସେହି ସମୟରେ ସବ୍‌ସିଡ଼ି ପାଇଁ ଲକ୍-ଇନ୍ ପିରିୟଡ୍ କୁ ହ୍ରାସ କରାଗଲା ଏବଂ ସବ୍‌ଡ଼ିକୁ ଶେଷ କିଛି କିସ୍ତିରେ ଆଡଜଷ୍ଟ କରାଗଲା । ଏଥିସହ ଲକ୍-ଇନ୍-ପିରିୟଡ ପୂର୍ବରୁ ଋଣ ପରିଶୋଧକୁ ଅନୁମତି ଦିଆଗଲା ନାହିଁ । ସମ୍ପୂର୍ଣ୍ଣ ପ୍ରକଳ୍ପ ଖର୍ଚ୍ଚ ଲାଗି ଋଣ କାଗଜପତ୍ରକୁ ବ୍ୟାଙ୍କ ରଖିଲା । ଆଉ ଏହି ସର୍ତ୍ତ ରଖାଗଲା ଯେ, ଋଣ ଅପବ୍ୟବହାର କଲେ ସମସ୍ତ ସବ୍‌ସିଡ଼ି ଅର୍ଥକୁ ବ୍ୟାଜ୍ୟାପ୍ତି କରିଦିଆଯିବ ।

### କାହିଁକି ଋଣ ଯୋଜନା :

୧୯୯୪-୯୫ ମସିହାରେ ପରିବାର ଋଣ ଯୋଜନା ବା ଫେମିଲି କ୍ରେଡ଼ିଟ୍ ପ୍ଲାନ୍ -FCPନାଁରେ ଏକ ନୂଆ ଯୋଜନା ଆରମ୍ଭ ହୋଇଥିଲା । ଏହା ଚୟନ ହୋଇଥିବା ୩୧୭ ଜିଲ୍ଲାରେ ପରିଚାଳନା କରାଗଲା । ଏହି ଯୋଜନା ଅଧୀନରେ ଗୋଟିଏ ପରିବାରର ଜଣେରୁ ଅଧିକ ସଦସ୍ୟଙ୍କୁ ସହାୟତା ଯୋଗାଇ ଦିଆଯାଇଥାଏ । ପରିବାର ପାଇଁ ଥିବା ସ୍ୱାଭାବିକ ସବ୍‌ସିଡ଼ି ଅର୍ଥ ସୀମିତ ଆଧାରରେ ଏହା କରାଯାଉଥିଲା । ଏହି ଯୋଜନାରେ ମନୋନୀତ ହୋଇଥିବା ପରିବାରକୁ ବ୍ୟାଙ୍କଗୁଡିକ ଅଧିକ ଅର୍ଥ ଦେଉଥିଲେ । ବର୍ତ୍ତମାନ ଏଫ୍‌ସିପି ଅଧିନରେ ସାରା ଭାରତରେ ନିବେଶ ୨୬ ହଜାର ୧୧୦ କୋଟି ଟଙ୍କାକୁ ଅତିକ୍ରମ କରିସାରିଛି ।

**ତଦାରଖ ଓ ନୀରିକ୍ଷଣ :**

IRDPକୁ ତଳସ୍ତରରୁ ଆରମ୍ଭ କରି କେନ୍ଦ୍ର ସରକାରସ୍ତର ପର୍ଯ୍ୟନ୍ତ ତଦାରଖ କରାଯାଇଥାଏ । ରାଜ୍ୟସ୍ତରରେ ରାଜ୍ୟସ୍ତରୀୟ ସମନ୍ୱୟ ସମିତି-ଏସ୍‌ଏଲ୍‌ସିସି ଯୋଜନାର ତଦାରଖ ଓ ସମୀକ୍ଷା କରିବା ସହ ନୀତି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥାଏ । IRDPକୁ ସହାୟତା କରୁଥିବା ଋଣ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମନ୍ୱୟ ସମିତି ମଧ୍ୟ କେନ୍ଦ୍ର ସ୍ତରରେ ଏହି ଯୋଜନା ସହିତ ସମସ୍ତ ଋଣ ପ୍ରଦାନର ତଦାରଖ ସହ ସମୀକ୍ଷା କରିଥାଏ । ଡିଆରଡିଏ ଓ ରାଜ୍ୟଗୁଡ଼ିକର ରିପୋର୍ଟ ଆଧାରରେ ପ୍ରତି ମାସ, ୧୫ ଦିନ, ୬ ମାସ ଏବଂ ବାର୍ଷିକ IRDP ଅଧିନରେ ଚାଲିଥିବା ଅଗ୍ରଗତିର ତଦାରଖ କରାଯାଏ । IRDP ଯୋଜନାରେ କୌଣସି ତ୍ରୁଟି ଦେଖାଦେଲେ ଏହାର ସମାଧନା ଲାଗି ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ଦୃଷ୍ଟି ଆକର୍ଷଣ କରାଯାଇଥାଏ । ତେବେ ପ୍ରତିବର୍ଷ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବାର୍ଷିକ କର୍ମଶାଳା ଏବଂ ରାଜ୍ୟ ସଚିବଙ୍କ ୧୫ ଦିନିଆ ବୈଠକରେ ଏ ବିଷୟରେ ଆଲୋଚନା ହୋଇଥାଏ । ବ୍ଲକ/ଡିଆରଡିଏ ସ୍ତରରେ କ୍ଷେତ୍ର ପରିଦର୍ଶନ କରି ଏବଂ କିଣାଯାଇଥିବା ସାମଗ୍ରୀର ଅନୁଧ୍ୟାନ କରି ତଦାରଖ କରାଯାଏ ।

## ୧.୩ TRYSEM (ଆତ୍ମ ନିଯୁକ୍ତି ପାଇଁ ଗ୍ରାମୀଣ ଯୁବକଙ୍କ ପ୍ରଶିକ୍ଷଣ)

ଦେଶର ଉତ୍ପାଦନ ଶକ୍ତିରେ ମହିଳା ଓ ଯୁବକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। IRDP ହେଉଛି ଏକ ଆତ୍ମନିଯୁକ୍ତି କେନ୍ଦ୍ରିକ ଯୋଜନା । ଏଥିରେ ସାଧାରଣତଃ ୧୩ରୁ ୩୫ ବର୍ଷର ଉଭୟ ଯୁବକ ଓ ଯୁବତୀଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ ଏବଂ ସେମାନଙ୍କୁ ଦକ୍ଷତା ଓ ଉଦ୍ୟୋଗୀ କ୍ଷମତାର ପ୍ରଶିକ୍ଷଣ ଦିଆଯାଇଥାଏ ଏହାକୁ ଦୃଷ୍ଟିରେ ରଖି IRDP ସହିତ TRYSEM କୁ ୧୯୭୯ ମସିହାରେ ଆରମ୍ଭ କରାଯାଇଥିଲା । ତେବେ ମହିଳାଙ୍କ କ୍ଷେତ୍ରରେ ୪୦ ପ୍ରତିଶତ ହିତାଧିକାରୀଙ୍କୁ IRDP ଦ୍ୱାରା ସାମିଲ କରାଯାଇଥିଲା । ଏହା ଅନୁଭବ କରାଗଲା ଯେ, ଯଦି ମହିଳାମାନଙ୍କୁ ଗୋଷ୍ଠୀ ଭାବେ ଏକାଠି କରାଯିବ ତେବେ ଆତ୍ମ ନିଯୁକ୍ତି ଉଦ୍ୟୋଗ ସୃଷ୍ଟି କରିବାରେ ସେମାନେ ଅଧିକ ପ୍ରଭାବଶାଳୀ ହେବେ । ଏହି ଆଧାରରେ ୧୯୮୩ ମସିହାରେ ଆରମ୍ଭ କରାଯାଇଥିଲା DWCRA ।

ତେବେ ଆସନ୍ତୁ TRYSEMର ଉଦ୍ଦେଶ୍ୟ, ଏହାର ରଣନୀତି, ସାଂଗଠାନିକ ଖସଡ଼ା ଏବଂ ବିଭିନ୍ନ ବିଭାଗ ସହ ସମ୍ପର୍କ ଉପରେ ନଜର ପକାଇବା ।

**TRYSEMର ମୂଳ ଏବଂ ଉଦ୍ଦେଶ୍ୟ :**

ଗ୍ରାମୀଣ ବେକାର ଯୁବକଙ୍କୁ ଆମେ ୪ ଭାଗରେ ବିଭକ୍ତ କରିବା । (୧) ଶିକ୍ଷିତ ଏବଂ କୁଶଳୀ, (୨) ଶିକ୍ଷିତ ଓ ଅଣକୁଶଳୀ, (୩) ଅଶିକ୍ଷିତ କିନ୍ତୁ କୁଶଳୀ ଏବଂ (୪) ଅଶିକ୍ଷିତ ଏବଂ ଅଣକୁଶଳୀ । ତେବେ ଚତୁର୍ଥ ବର୍ଗର ଯୁବକମାନେ ସମ୍ପୂର୍ଣ୍ଣ ଭାବେ ମୂଳ ଲଗୁଥିବା ବେଳେ ଅନ୍ୟ ୩ ବର୍ଗର ଯୁବକମାନଙ୍କୁ ଦକ୍ଷତା ପ୍ରଦାନ କଲେ ସେମାନେ କେବଳ ଯେ ନିଜର ଅଣୁ ଉଦ୍ୟୋଗ ଆରମ୍ଭ କରିପାରିବ ତାହା ନୁହଁ ସେମାନେ ଅନ୍ୟମାନଙ୍କ ଲାଗି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିପାରିବେ । ଆଉ ଏହାଦ୍ୱାରା ଦେଶର ଯୁବକଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେକାରି ସମସ୍ୟାର ସମାଧାନ କରାଯାଇପାରିବ । ଏହାକୁ ଦୃଷ୍ଟିରେ ରଖି ୧୯୭୯ରେ IRDP ର ଅଂଶବିଶେଷ ସ୍ୱରୂପ TRYSEM ଆରମ୍ଭ କରାଯାଇଥିଲା ।

ଏହି ଯୋଜନା ଅଧୀନରେ ପ୍ରତି ବ୍ଲକରେ ପ୍ରତି ବର୍ଷ ୪୦ରୁ ଅଧିକ ଯୁବକ, ଯୁବତୀଙ୍କୁ ମନୋନୀତ କରାଯାଇଥାଏ । ସେମାନେ ଯେଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିଲାଗି ସେମାନଙ୍କୁ ଦକ୍ଷତା ଏବଂ ଉଦ୍ୟୋଗୀ ତାଲିମ ଦିଆଯାଇଥାଏ । ଆତ୍ମ ନିଯୁକ୍ତି ସୁଯୋଗ ଦେବା ବ୍ୟତୀତ TRYSEM ଆଉ ଏକ ଲକ୍ଷ୍ୟ ପୂରଣ କରିଥାଏ । ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ଦ୍ୱାରା ଗ୍ରାମାଞ୍ଚଳରୁ ସହରକୁ ଲୋକଙ୍କ ପଳାୟନକୁ ବନ୍ଦ କରି ଦିଆଯିବ । ସବୁଠାରୁ ବଡ଼ କଥା ହେଲା, ସ୍ଥାନୀୟ ବା ଗାଁଗୁଡ଼ିକରେ ଉପଲବ୍ଧ ସମ୍ବଳକୁ ବିନିଯୋଗ କରି ସ୍ଥାନୀୟ ଆବଶ୍ୟକତା ମେଣ୍ଟାଇ ହୋଇଥାଏ। ଏହାଦ୍ୱାରା ଗ୍ରାମୀଣ ବିକାଶକୁ ଆହୁରି ପ୍ରୋତ୍ସାହନ ମିଳିଥାଏ ।

TRYSEMର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ପରିବାରର ୧୮ରୁ ୩୫ ବର୍ଷର ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଓ ବୈଷୟିକ ଦକ୍ଷତା ତାଲିମ ଦେଇ ସେମାନଙ୍କୁ କୃଷି, ଶିଳ୍ପ, ସେବା ଏବଂ ବ୍ୟବସାୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା । ତେବେ ଏଥିପାଇଁ କେବଳ ଶାରୀରିକ ଦକ୍ଷତା ନୁହଁ ଆଭିମୁଖ୍ୟରେ ଆବଶ୍ୟକ ପରିବର୍ତ୍ତନ, ଲୋକ ସମ୍ପର୍କରେ ଅନ୍ୟଙ୍କୁ ପ୍ରୋତ୍ସାହିତ କରିବାର ଦକ୍ଷତା ଉପରେ ମଧ ପ୍ରଶିକ୍ଷଣ ଦିଆଯାଉଥିଲା । TRYSEM ଏଭଳି ଏକ ଯୋଜନା ଯେଉଁଥିରେ ଜଣେ ପୂର୍ଣ୍ଣକାଳୀନ ଆଧାରରେ ନିଯୁକ୍ତି ପାଇଥାଏ । ଆଉ ଏହାଦ୍ୱାରା ସେ ନିଜ ପରିବାରକୁ ପାଳନ ପୋଷଣ କରିବା ଲାଗି ଆବଶ୍ୟକ ଅର୍ଥ ଆୟ କରିପାରିଥାଏ ।

୧୯୭୯ରେ ଯେତେବେଳେ TRYSEM ଆରମ୍ଭ ହୋଇଥିଲା, ସେତେବେଳେ ସାରା ଦେଶରେ ୨ ହଜାର ୩୦୦ ବ୍ଲକରେ ଚାଲୁଥିଲା IRDP ଯୋଜନା । ତେବେ ଗ୍ରାମୀଣ ଯୁବକଙ୍କ ସମସ୍ୟାକୁ ଚାପି ଦିଆଯାଉଥିବା ଅନୁଭବ କରି ସାରା ଦେଶରେ ୫୦୦୦ ବ୍ଲକରେ ଆରମ୍ଭ କରାଗଲା TRYSEM । ଏଥିପାଇଁ ଯେଉଁ ବ୍ଲକରେ IRDP ଯୋଜନା ଚାଲୁଥିଲା ସେଠାରେ IRDPରୁ ଅର୍ଥ ଆବଣ୍ଟନ କରାଯାଇଥିଲା । ଅଣ IRDP ବ୍ଲକଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଥିବା ପାଣ୍ଠିରୁ ଅର୍ଥ ଦିଆଯାଉଥିଲା । ୧୯୮୦ ମସିହାରେ ଦେଶର ସମସ୍ତ ବ୍ଲକକୁ ସମ୍ପ୍ରସାରିତ ହୋଇଥିଲା IRDP ଯୋଜନା । ସେତେବେଳେ TRYSEM ପାଲଟିଥିଲା IRDP ର ଯୁବକଙ୍କ ଆତ୍ମନିଯୁକ୍ତି ର ଏକ ପ୍ରମୁଖ ଅଙ୍ଗ । ୧୯୮୧-୮୨ ଆର୍ଥିକ ବର୍ଷରୁ TRYSEM ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରାଯାଇଥିଲା ।

## TRYSEMର ରଣନୀତି :

ଏହି ଯୋଜନାରେ ଚିହ୍ନଟ ହୋଇଥିବା ଯୁବକମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ଧରି ପ୍ରଶିକ୍ଷଣ ଦିଆଯାଇଥାଏ । ସେମାନଙ୍କୁ କୌଣସି ପ୍ରଶିକ୍ଷଣ ସଂସ୍ଥାରେ ନଚେତ କୁଶଳୀ କାରିଗରଙ୍କ ଅଧୀନରେ ପ୍ରଶିକ୍ଷଣ ଦିଆଯାଇଥାଏ । ପାଠ୍ୟକ୍ରମକୁ ଦେଖି ପ୍ରଶିକ୍ଷଣର ସମୟ ନିର୍ଦ୍ଧାରଣ କରାଯାଇଥାଏ । ସାଧାରଣତଃ ଏହା ୬ ମାସରୁ ଅଧିକ ହୋଇ ନ ଥାଏ । TRYSEM ପ୍ରଶିକ୍ଷାର୍ଥୀଙ୍କୁ ଏକ ଟୁଲ୍ କିଟ୍ ସହ ଷ୍ଟାଇପେଣ୍ଡ ଦିଆଯାଇଥାଏ । ସଫଳତା ସହ ପ୍ରଶିକ୍ଷଣ ସାରିବା ପରେ ସେମାନଙ୍କୁ IRDP ଅଧିନରେ ଆୟ ସୃଷ୍ଟି କରୁଥିବା ଏକ ସମ୍ବଳ ସବ୍‌ସିଡି/ଋଣ ଆକାରରେ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥାନ୍ତି । ପ୍ରଶିକ୍ଷଣର ଖର୍ଚ୍ଚ IRDP ଅଧୀନରେ ଭିତ୍ତିଭୂମି ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ କରାଯାଇଥାଏ । ତେଣୁ ପ୍ରତ୍ୟେକ TRYSEM ପ୍ରଶିକ୍ଷାର୍ଥୀ ହେଉଛନ୍ତି IRDPର ଯୋଗ୍ୟ ହିତାଧିକାରୀ । TRYSEM ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା ଲାଗି ସ୍ୱତନ୍ତ୍ର ଭାବେ ଏକ କାର୍ଯ୍ୟକ୍ରମ କରାଯାଇଥାଏ ।

TRYSEM ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଭିନ୍ନ ପ୍ରକଳ୍ପ କ୍ଷେତ୍ରରେ ମଜୁରୀକୁ ସାମିଲ କରିବା । ଏଭଳି ପ୍ରକଳ୍ପଗୁଡ଼ିକୁ ମନୋନୀତ କରିଥାନ୍ତି ରାଜ୍ୟସ୍ତରୀୟ ସମନ୍ୱୟ ସମିତି । ଏଥିପାଇଁ କ'ଣ ସର୍ତ୍ତ ରହିଛି ଆସନ୍ତୁ ଜାଣିବା

- ସବୁ ପ୍ରକଳ୍ପକୁ ଗୋଟିଏରେ ମିଶାଯିବ । ୪୬
- IRDP ଟାର୍ଗେଟ ଗ୍ରୁପରୁ ହିତାଧିକାରୀଙ୍କୁ ଚୟନ କରାଯିବା ଜରୁରୀ
- ଅତିକମ୍‌ରେ ୫୦ ପ୍ରତିଶତ ଯୁବକଙ୍କୁ ଆତ୍ମନିଯୁକ୍ତି ପାଇଁ ପ୍ରଶିକ୍ଷଣ ଦିଆଯିବ ।
- ସମସ୍ତ ହିତାଧିକାରୀଙ୍କ ପ୍ରଶିକ୍ଷଣ ଖର୍ଚ୍ଚ TRYSEM ପାଣ୍ଠିରୁ ବହନ କରାଯିବ
- ଦ୍ୱିତୀୟ ଏବଂ ଆଞ୍ଚଳିକ କ୍ଷେତ୍ରରେ ମଜୁରୀ ପ୍ରଶିକ୍ଷଣ ଦିଆଯିବ ।

**ସାଂଗଠାନିକ କାର୍ଯ୍ୟଖସଡ଼ା :**

ଗ୍ରାମ୍ୟସ୍ତରୀୟ କର୍ମୀ ବା VLWଙ୍କ ସହାୟତାରେ ଟାର୍ଗେଟ ଗ୍ରୁପ ପାଇଁ ଯୋଗ୍ୟ ବିବେଚିତ ଯୁବକଙ୍କୁ ଚୟନ କରିବା ଦାୟିତ୍ୱ ବିଡିଓଙ୍କର । ବିଡିଓ ଏଥିପାଇଁ ଯୁବକମାନଙ୍କଠାରୁ ଆବେଦନ ଆହ୍ୱାନ କରି ତାହାକୁ ଯାଞ୍ଚ କରିଥାନ୍ତି । ବିଭିନ୍ନ ଯୋଜନାକୁ ଦୃଷ୍ଟିରେ ରଖି ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବା ଡିଆରଡିଏ ଧନ୍ଦାର ଚିହ୍ନଟ କରିଥାଏ । ସେହିପରି ଉତ୍ପାଦକର କାର୍ଯ୍ୟକଳାପ ଏବଂ ଉତ୍ପାଦର ବଜାର ବ୍ୟବସ୍ଥାକୁ ମଧ୍ୟ ଦୃଷ୍ଟିରେ ରଖାଯାଇଥାଏ । ପେଶା ବା ବୃତ୍ତିକୁ ଚିହ୍ନଟ କରିବା ପରେ ଡିଆରଡିଏ ପଲିଟେକନିକ, ଖଦି ଏବଂ ଗ୍ରାମ୍ୟ ଶିଳ୍ପ, କୃଷି ବିଜ୍ଞାନ କେନ୍ଦ୍ର, ନେହରୁ ଯୁବ କେନ୍ଦ୍ର ଭଳି ପ୍ରଶିକ୍ଷଣ ସଂସ୍ଥାର ତାଲିକା ପ୍ରସ୍ତୁତ କରିଥାଆନ୍ତି । ଏହାବାଦ କୁଶଳୀ କାରିଗରଙ୍କ ସହାୟତା ନିଆଯାଇପାରେ । ତେବେ ପ୍ରତି ପ୍ରଶିକ୍ଷକ ପିଛା ୩ ଜଣରୁ ଅଧିକ ପ୍ରଶିକ୍ଷାର୍ଥୀ ରହିବେ ନାହିଁ ।

ଥରେ ସମ୍ଭାବ୍ୟ ହିତାଧିକାରୀଙ୍କ ତାଲିକା ହେବା ପରେ ବିଡିଓଙ୍କ ଅଧକ୍ଷତାରେ ଗଠିତ ଏକ କମିଟି ଏହାକୁ ଚୂଡ଼ାନ୍ତ କରିଥାନ୍ତି। କମିଟିରେ ସମ୍ପୃକ୍ତ ଅଞ୍ଚଳର ପ୍ରଶିକ୍ଷଣ ସଂସ୍ଥା, ବ୍ୟାଙ୍କ କର୍ତ୍ତୃପକ୍ଷ, ଖଦି ଏବଂ ଗ୍ରାମ୍ୟ ଶିଳ୍ପ ପ୍ରଶିକ୍ଷଣ ସଂସ୍ଥା, ପଞ୍ଚାୟତିରାଜ ସଂସ୍ଥା ଏବଂ ଆଉ କିଛି ବ୍ୟକ୍ତି ଯେଉଁମାନଙ୍କୁ କମିଟିରେ ସାମିଲ କରିବାକୁ ଚାହିଁବେ, ସେମାନେ ସଦସ୍ୟ ହେବେ । ଏହି କମିଟି ହିତାଧିକାରୀ ତାଲିକା ଚୂଡ଼ାନ୍ତ କରିବା ବେଳେ ନିମ୍ନଲିଖିତ ବିଷୟକୁ ଦୃଷ୍ଟି ଦେବେ

୧) ସବୁଠାରୁ ଗରିବ ପରିବାରର ସଦସ୍ୟଙ୍କୁ ମନୋନୀତ ପାଇଁ ଉଦ୍ୟମ କରିବେ

୨) ତଫସିଲଭୁକ୍ତ ଜାତି, ଜନଜାତି ସଦସ୍ୟଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯିବ

୩) ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଏକ ତୃତୀୟାଂଶ ମହିଳା ହେବା ଦରକାର

୪) ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମରେ ୧୨ ମାସିଆ ପାଠ୍ୟକ୍ରମ ସାରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ମଧ୍ୟ ଚିନ୍ତା କରିବା ଦରକାର ।

ପ୍ରଶିକ୍ଷଣ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତା ନାହିଁ । ତେବେ ଡିଆରଡିଏ ଦ୍ୱାରା ମଞ୍ଜୁରୀପ୍ରାପ୍ତ ପାଠ୍ୟକ୍ରମରେ କାର୍ଯ୍ୟଗତ ଏବଂ ପରିଚାଳନାଗତ ଦକ୍ଷତା ରହିବା ଆବଶ୍ୟକ ।

TRYSEM କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନେଇଥାଏ ଡିଆରଡିଏ । ସହକାରୀ ପ୍ରକଳ୍ପ ଅଧିକାରୀ (ଶିଳ୍ପ) ଏବଂ ସମ୍ପ୍ରସାରଣ ଅଧିକାରୀ (ଶିଳ୍ପ) ନିଜ ଦୈନନ୍ଦିନ କାର୍ଯ୍ୟଭାର ସହ TRYSEM କାର୍ଯ୍ୟକାରୀ

ପାଇଁ ଦାୟିତ୍ୱ ନେଇଥାନ୍ତି । ରାଜ୍ୟସ୍ତରରେ ରାଜ୍ୟସ୍ତରୀୟ ସମନ୍ୱୟ ସମିତି SLCC ର ଏକ ସବ୍-କମିଟି କେବଳ TRYSEM ପାଇଁ କାମ କରିଥାଏ। IRDP ମନିଟରିଂ ସେଲ୍ ତରଫରୁ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ଡିଆରଡିଏର ଜଣେ ପ୍ରୋଜେକ୍ଟ ଡିରେକ୍ଟର ର୍ୟାଙ୍କସ୍ତରୀୟ ଅଧିକାରୀ କାର୍ଯ୍ୟ କରିବେ । ସର୍ବୋଚ୍ଚସ୍ତରରେ ଅର୍ଥାତ୍ କେନ୍ଦ୍ରସ୍ତରରେ IRDP ଏବଂ ଏ ସମ୍ପର୍କିତ କାର୍ଯ୍ୟକ୍ରମ ପାଇଁ ଥିବା କେନ୍ଦ୍ରୀୟ କମିଟି ନୀତି ନିର୍ଦ୍ଦେଶାବଳୀ ଯୋଗାଇବା ସହ ମଞ୍ଜୁରୀ ପ୍ରାପ୍ତ କାର୍ଯ୍ୟକଳାପର ତଦାରଖ କରିବ । ଏହି କମିଟିର ଅଧ୍ୟକ୍ଷତା କରିବେ ଗ୍ରାମୀଣ ବିକାଶ ବିଭାଗ ।

**ବ୍ୟାକୱାର୍ଡ ଓ ଫରୱାର୍ଡ ଲିଙ୍କେଜ :**

ପ୍ରଶିକ୍ଷଣ ସାରିଲା ପରେ ଯୁବକଯୁବତୀଙ୍କୁ ମୌଳିକ ସହାୟତା ଏବଂ ଭିତ୍ତିଭୂମି ସହାୟତା ଭଳି ଆତ୍ମନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇଥାଏ । ଏଠାରେ ବ୍ୟାକ୍ୱାର୍ଡ ଓ ଫରୱାର୍ଡ ଲିଙ୍କେଜ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସାଧାରଣତଃ ବ୍ୟାକ୍ୱାର୍ଡ ଲିଙ୍କେଜ୍‌ରେ ଇନ୍‌ପୁଟ୍ ଏବଂ ପ୍ରଶିକ୍ଷାର୍ଥୀଙ୍କୁ ଭିତ୍ତିଭୂମି ସହୟାତା ଯୋଗାଇଥାଏ । ଅନ୍ୟପକ୍ଷରେ ଫରୱାର୍ଡ ଲିଙ୍କେଜ୍ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଚାର ଉପରେ ଉଦ୍ୟମ କରାଯିବ । ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏ ସବୁ ଲିଙ୍କେଜ୍ ଯୋଗାଇବା ଲାଗି ସମନ୍ୱୟ କରିବା ଦାୟିତ୍ୱ ଡିଆରଡିଏର । ତେଣୁ ଏଭଳି ଲିଙ୍କେଜ୍ ଯୋଗାଉଥିବା ସଂସ୍ଥାଗୁଡିକ ସହିତ ସମ୍ପର୍କରେ ରହିବା ଆବଶ୍ୟକ । ଢାଞ୍ଚାଗତ ସହାୟତା ଯୋଗାଇବା ପାଇଁ ସରକାରୀ ଉଦ୍ୟୋଗଗୁଡ଼ିକୁ ବି ଚୟନ କରିବା ଦରକାର । ଏଭଳି ସଂସ୍ଥାର ବିକାଶ ପାଇଁ IRDP ଅଧୀନରେ ଥିବା ଅର୍ଥକୁ ବ୍ୟବାହାର କରାଯାଇପାରେ । ତେବେ ଜିଲ୍ଲା ସମବାୟ ବିପଣନ ସମିତି ବା ଡିସିଏମ୍ଏସ୍ ମଧ୍ୟ IRDP ସାମଗ୍ରୀ ପାଇଁ ବଜାର ବିକ୍ରି ବ୍ୟବସ୍ଥା ଯୋଗାଇବା ଦରକାର । ଏହା ବାଦ ସ୍ଥାନୀୟ ବଜାର ଏବଂ ନିୟନ୍ତ୍ରିତ କୃଷି ବଜାର ମଧ୍ୟ ପ୍ରଶିକ୍ଷାର୍ଥୀଙ୍କ ଉତ୍ପାଦର ବିକ୍ରି ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି ।

**TRYSEMର ପ୍ରଦର୍ଶନ :**

ଗ୍ରାମୀଣ ଅଞ୍ଚଳରେ ବେକାରି ସମସ୍ୟାକୁ ମୁକାବିଲା ଦିଗରେ କିଛି ସଫଳ ହୋଇଛି TRYSEM । ଏହାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏଭଳି ଯେ ଏଥିରେ ଉଭୟ ବୈଷୟିକ ଦକ୍ଷତା ଏବଂ ପରିଚାଳନାଗତ ଏବଂ ଉଦ୍ୟୋଗୀ ଦକ୍ଷତା ଯୋଗାଇଥାଏ । ଏହା ମଧ୍ୟ ବହୁ ମାତ୍ରାରେ କୁଶଳୀ କାରିଗାର ଏବଂ ଅନ୍ୟ ପ୍ରଶିକ୍ଷକଙ୍କୁ ତିଆରି କରିଥାଏ । ଏହାର ଧନ୍ଦାମୂଳକ ପ୍ରଶିକ୍ଷଣ ଯୋଗୁଁ କିଛି ଗ୍ରାମୀଣ ଶିକ୍ଷାରେ TRYSEM ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣ ସାମିଲ କରାଯାଇପାରେ ।

ତେବେ TRYSEMରେ କିଛି ତ୍ରୁଟି ରହିଛି । ଆଉ ଏଗୁଡ଼ିକ ହେଲା

- ସାଧାରଣତଃ କାର୍ଯ୍ୟକାରିତାରେ ସମାନତା ନ ଥାଏ
- ଯଦିଓ କାର୍ଯ୍ୟକାରିତାରେ ପ୍ରଶିକ୍ଷଣ ଆବଶ୍ୟକ, କିନ୍ତୁ ଏହା ନୁହଁ, କିଛି କ୍ଷେତ୍ରରେ ଏହା ଆତ୍ମନିର୍ଭରଶୀଳ ହେବାକୁ ଆବଶ୍ୟକୀୟ ଦୃଢ଼ବିଶ୍ୱାସ ଦରକାର ହୋଇଥାଏ ।
- ପ୍ରଶିକ୍ଷଣ ବେଳେ ଦିଆଯାଉଥିବା ପ୍ୟାକେଜରେ ଉପଯୁକ୍ତ ବୈଷୟିକ ନ ଥାଏ
- ବିଭିନ୍ନ ପ୍ରଶିକ୍ଷଣ ସଂସ୍ଥାନ ଦ୍ୱାରା ପାଠ୍ୟକ୍ରମରେ ଏବଂ ପ୍ରଶିକ୍ଷଣ ବ୍ୟବସ୍ଥାରେ ଅଭାବ ରହିଛି ।
- ଆରମ୍ଭରୁ ହିତାଧିକାରୀଙ୍କ ଟ୍ରେଡ୍ ଚୟନ, ଆତ୍ମନିର୍ଭରଶୀଳ ସମ୍ଭାବନା ଏବଂ ସେମାନଙ୍କ ଆର୍ଥିକ କ୍ଷମତା ବିଚାର କରାଯାଇ ନ ଥାଏ ।

- କଞ୍ଚା ମାଲ ଯୋଗାଇବା ଏବଂ ମାର୍କେଟିଂରେ ସହାୟତା ଆଶାନୁରୂପକ ନୁହେଁ
- TRYSEM ପାଇଁ ପ୍ରତ୍ୟେକ ଜିଲ୍ଲାରେ ପ୍ରଶିକ୍ଷଣ କେନ୍ଦ୍ର ନାହିଁ
- ବହୁ ମାମଲାରେ IRDP ପ୍ରକଳ୍ପରେ TRYSEM ପ୍ରଶିକ୍ଷାର୍ଥୀଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା ସହ ସେମାନେ ପାଉଥିବା ପ୍ରଶିକ୍ଷଣର କୌଣସି ସମ୍ପର୍କ ନ ଥାଏ ।

## ୧.୪ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (MGNREGA)

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ନିକଟରେ ଏହାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ(MGNREGA)ରେ ନାମିତ କରାଯାଇଛି)ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କୁ ମଜୁରୀ ଆଧାରିତ ରୋଜଗାର ଯୋଗାଇ ସେମାନେ ନିଜର ଜୀବନଜୀବିକାକୁ ସୁରକ୍ଷିତ ରଖିବା । ସେମାନଙ୍କୁ ଏଭଳି କାମ ଦିଆଯିବା ଦରକାର ଯଦ୍ୱାରା ସେମାନଙ୍କ ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ସମ୍ପଦର ବିକାଶ ହେବା ସହ ଏହା ଲୋକଙ୍କ ବିନିଯୋଗରେ ଯେଭଳି ଲାଗିବ । ୨୦୦୫ରେ ଲାଗୁ ହୋଇଥିଲା ଏହି ଆଇନ । ତେବେ ୨୦୦୬ ମସିହା ଫେବୃୟାରୀ ୨ ତାରିଖରେ ୨୭ ରାଜ୍ୟର ୨୦୦ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆଉ ୨୦୦୭-୦୮ରେ ଏହା ଆଉ ୧୩୦ଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇଥିବା ବେଳେ ୨୦୦୮ ମସିହା ଏପ୍ରିଲ ୧ ତାରିଖରେ ଦେଶର ବାକି ଗ୍ରାମାଞ୍ଚଳରେ ଲାଗୁ ହୋଇଥିଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ।

### NREGA ର ବିଶେଷତ୍ୱ :

NREGAର ବିଶେଷତ୍ୱ ହେଲା ଏହା ବିଭିନ୍ନ ସ୍ତରରେ କାର୍ଯ୍ୟ କରିଥାଏ । ଯେତେବେଳ ରୋଜଗାରର ସୁଯୋଗ ସୃଷ୍ଟି ହୁଏ ନାହିଁ କିମ୍ବା କମିଯାଏ ସେତେବେଳେ ଘଜରଏଇ ନିଶ୍ଚିତ ରୋଜଗାର ସ୍ରୋତ ଯୋଗାଇ ଏକ ସାମାଜିକ ସୁରକ୍ଷା ଜାଲ ସୃଷ୍ଟି କରିଥାଏ । ଅଭିବୃଦ୍ଧି ପ୍ରକ୍ରିୟାରେ ମଧ୍ୟ ଏହା ସମାନତା ଆଣିଥାଏ । ଏହା ଶ୍ରମିକଙ୍କୁ ରୋଜଗାର ମାଗିବାର ଆଇନଗତ ଅଧିକାର ଯୋଗାଇଥାଏ । ସେହିପରି ଲୋକଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରୋଜଗାର ଯୋଗାଇବା ଲାଗି ସରକାରଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରିତ କରିଥାଏ । ପ୍ରାକୃତିକ ସମ୍ବଳ ପରିଚାଳନାକୁ ଗୁରୁତ୍ୱ ଦେଇ ଏହା କୃଷି ଭିତ୍ତିକ ଅର୍ଥନୀତିର ବିକାଶ ଲାଗି ଅଭିବୃଦ୍ଧି ଇଞ୍ଜିନ ପାଲଟିଥାଏ ।

### ଆଇନର କିଛି ମୁଖ୍ୟ ବିଶେଷତ୍ୱ

#### ସଠିକ ଆଧାରିତ ଢାଞ୍ଚା

- ଗାଁରେ ରହୁଥିବା ପରିବାରର ବୟସ୍କ ବ୍ୟକ୍ତି ଯେଉଁମାନେ ଅଣକୁଶଳୀ ଶାରିରୀକ ଶ୍ରମ କରିବାକୁ ପ୍ରସ୍ତୁତ, ସେମାନେ ପଞ୍ଜୀକରଣ ପାଇଁ ସ୍ଥାନୀୟ ଗ୍ରାମପଞ୍ଚାୟତରେ ଲିଖିତ ବା ମୌଖିକ ଭାବେ ଆବେଦନ କରିବେ ।
- ଆବେଦନଗୁଡ଼ିକର ଉପଯୁକ୍ତ ଯାଞ୍ଚ ପରେ ପଞ୍ଚାୟତ ପକ୍ଷରୁ ପ୍ରତି ପରିବାର ପିଛା ଏକ ଜବ କାର୍ଡ ଜାରି କରାଯିବ । ଏହି ଜବ କାର୍ଡରେ ପରିବାରର ସମସ୍ତ ବୟସ୍କ ସଦସ୍ୟଙ୍କ ଫଟୋ ରହିବ । ଆଉ ଏହି ଜବ୍ କାର୍ଡ଼ ସମ୍ପୂର୍ଣ୍ଣ ମାଗଣାରେ ଦିଆଯିବ ।

- ଯେଉଁ ପରିବାର ପାଖରେ ଜବ୍ କାର୍ଡ଼ ଥିବା ସେମାନେ କାମ ପାଇଁ ଦାବି କରି ପଞ୍ଚାୟତରେ ଲିଖିତ ଆବେଦନ କରିବେ । ଏଥିରେ କେତେବେଳେ ଏବଂ କେଉଁ କାମ କରିବେ ତାହା ଉଲ୍ଲେଖ କରିବେ ।

**ସମୟସୀମା ମଧ୍ୟରେ ଗ୍ୟାରେଣ୍ଟି :**

- ଆବେଦନ ମିଳିବା ପରେ ପଞ୍ଚାୟତ ଏକ ତାରିଖଯୁକ୍ତ ଲିଖିତ ରସିଦ ଦେବେ ଯେଉଁଥିରେ ୧୫ ଦିନ ମଧ୍ୟରେ ଆବେଦନକାରୀଙ୍କୁ ନିଶ୍ଚିତ ରୋଜଗାର ଯୋଗାଇବା ନେଇ ଉଲ୍ଲେଖ କରାଯାଇଥିବ । ଯଦି ୧୫ ଦିନ ମଧ୍ୟରେ ରୋଜଗାର ଯୋଗାଇ ନ ପାରିବେ ତେବେ ଆବେଦନକାରୀଙ୍କୁ ନଗଦ ଆକାରରେ ଦୈନିକ ମଜୁରୀ ଦିଆଯିବ । ବେକାରି ଭତ୍ତା ଖର୍ଚ୍ଚ ବହନ କରିବା ଦାୟିତ୍ୱ ସମ୍ପୃକ୍ତ ରାଜ୍ୟ ସରକାରଙ୍କର ।
- ସାଧାରଣତଃ ଗାଁର ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ କାମ ଯୋଗାଇ ଦିଆଯାଇଥାଏ । ଯଦି ଏହା ନହେଲେ ୧୦ ପ୍ରତିଶତ ଅତିରିକ୍ତ ମଜୁରୀ ଦିଆଯିବ ।
- ନିମ୍ନତମ ମଜୁରୀ ଆଧାରରେ କାମ କରୁଥିବା ଲୋକଙ୍କୁ ମଜୁରୀ ଦିଆଯିବ । ତେବେ ସାପ୍ତାହିକ ଆଧାରରେ ମଜୁରୀ ପ୍ରଦାନ କରାଯିବ । କୌଣସି କାମ ପାଇଁ ଅତି ବେଶୀରେ ୧୫ ଦିନ ମଧ୍ୟରେ ମଜୁରୀ ପୈଠ କରାଯିବ ।

**ମହିଳା ସଶକ୍ତୀକରଣ :**

- ଯେଉଁମାନଙ୍କୁ କାମ ଦିଆଯିବ ସେମାନଙ୍କ ମଧ୍ୟରେ ଅତି କମରେ ଏକ ତୃତୀୟାଂଶ ମହିଳା ରହିବେ

**କାର୍ଯ୍ୟକ୍ଷେତ୍ରରେ ବ୍ୟବସ୍ଥା**

- କାର୍ଯ୍ୟକ୍ଷେତ୍ରରେ ଛୋଟ ପିଲାଙ୍କ ଦେଖାଶୁଣା ଘର, ପିଇବା ପାଣି ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା ରହିବା ଅନିବାର୍ଯ୍ୟ

**ଡିସେଣ୍ଟ୍ରାଲାଇଜଡ୍ ଯୋଜନା :**

- ଗ୍ରାମସଭା ଦ୍ୱାରା ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯିବ । ଅତି କମ୍‌ରେ ୫୦ ପ୍ରତିଶତ କାମର କ୍ରିୟାନ୍ୱୟନ ପାଇଁ ପଞ୍ଚାୟତକୁ ଆବଣ୍ଟିତ କରାଯିବ ।
- ଯୋଜନା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବା ଲାଗି ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।

**ଶ୍ରମଯୁକ୍ତ କାମ :**

କାମ ବେଳେ ମଜୁରୀ ଏବଂ ସାମଗ୍ରୀର ଅନୁପାତ ୬୦:୪୦ ରଖାଯିବ । ଠିକାଦାର ତଥା ଶ୍ରମ ବିସ୍ଥାପନ ଯନ୍ତ୍ରପାତିର ବ୍ୟବାହର କରାଯିବା ନିଷେଧ ।

**ସାଧାରଣ ଉତ୍ତରଦାୟିତ୍ୱତା**

- ଗ୍ରାମସଭା ଦ୍ୱାରା ସାମାଜିକ ଅଡିଟ୍ କରାଯିବ
- ସମ୍ବେଦନଶୀଳ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ ପ୍ରକିୟା ନିଶ୍ଚିତ କରିବା ଲାଗି ଅଭିଯୋଗ ସମାଧାନ ବ୍ୟବସ୍ଥା ମଧ୍ୟ ରଖାଯିବ ।

**ସ୍ୱଚ୍ଛତା :**

ଯଦି କୌଣସି ବ୍ୟକ୍ତି ଯୋଜନା ସମ୍ପର୍କିତ କୌଣସି ତଥ୍ୟ ଜାଣିବାକୁ ଚାହିଁବେ ତେବେ ନିର୍ଦ୍ଦିଷ୍ଟ ଅର୍ଥ ପୈଠ ପରେ ତାଙ୍କୁ ଯୋଜନା ସମ୍ପର୍କିତ ସମସ୍ତ ହିସାବ ଏବଂ ରେକର୍ଡ ଦିଆଯିବ ।

**ଅନୁମତି ଦିଆଯାଉଥିବା କାର୍ଯ୍ୟ**

- ଜଳ ସଂରକ୍ଷଣ
- ମରୁଡ଼ି ରୋକିବା ଲାଗି ପଦକ୍ଷେପ (ଏଥିରେ ବୃକ୍ଷରୋପଣ ଓ ବନୀକରଣ ସାମିଲ)
- ଜଳସେଚନ କେନାଲ
- କ୍ଷୁଦ୍ର ଜଳସେଚନ, ଉଦ୍ୟାନ ଏବଂ ଏସସି/ଏସ୍‌ଟି/ବିପିଏଲ୍/ଇନ୍ଦିରା ଆବାସ ତଥା ଜମି ସଂସ୍କାରରେ ଲାଭବାନ ହୋଇଥିବା ହିତାଧିକାରୀଙ୍କ ଜମିର ବିକାଶ କାମ
- ପାରମ୍ପରିକ ଜଳ ସ୍ରୋତଗୁଡ଼ିକର ନବୀକରଣ
- ବନ୍ୟାକୁ ରୋକିବା
- ଜମି ବିକାଶ
- ଗ୍ରାମୀଣ ଯୋଗାଯୋଗ
- ଅନ୍ୟ କୌଣସି କାମ ଯାହାକୁ କି କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କ ସହ ବିଚାରବିମର୍ଶ କରି ବିଜ୍ଞପ୍ତି ପ୍ରକାଶ କରିଥିବେ

**ଆର୍ଥିକ ଅନୁଦାନ :**

କେନ୍ଦ୍ର ସରକାର ନିମ୍ନଲିଖିତ ସାମଗ୍ରୀର ଖର୍ଚ୍ଚ ବହନ କରିବେ

- ଅଣକୁଶଳୀ ଶ୍ରମିକଙ୍କ ସମଗ୍ର ମଜୁରୀ ଖର୍ଚ୍ଚ
- କୁଶଳୀ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ଏବଂ ସାମଗ୍ରୀ ଖର୍ଚ୍ଚର ୭୫ ପ୍ରତିଶତ
- ପ୍ରଶାସନିକ ବ୍ୟୟ ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବ, ଯେଉଁଥିରେ କାର୍ଯ୍ୟକ୍ରମ ଅଧିକାରୀ ଏବଂ ତାଙ୍କ ସହଯୋଗୀଙ୍କ ଦରମା, ଭତ୍ତା ତଥା କାର୍ଯ୍ୟସ୍ଥଳର ସୁବିଧା ଖର୍ଚ୍ଚ ରହିଥିବ
- ଜାତୀୟ ନିଶ୍ଚିତ ନିଯୁକ୍ତି ପରିଷଦର ଖର୍ଚ୍ଚ

**ଏ ପର୍ଯ୍ୟନ୍ତ ମିଳିଥିବା ଫଳାଫଳ :**

NREGA ଦୁଇ ବର୍ଷ ଧରି କାର୍ଯ୍ୟକାରୀ କରାଯିବା ପରେ ଏହା ଆତ୍ମଲକ୍ଷ୍ୟ, ଚାହିଦା ଆଧାରିତ କାର୍ଯ୍ୟକ୍ରମ ବୋଲି ଜଣାପଡ଼ିଥିଲା । ଏହା ଆହୁରି ସ୍ପଷ୍ଟ ହୋଇଥିଲା ଯେ, ଲୋକଙ୍କ ରୋଜଗାର ମାଗିବା ଋତୁ ଆଧାରିତ । ସ୍ଥାନୀୟ କୃଷି କାମ ଏବଂ ରୋଜଗାରର ଅନ୍ୟ ବିକଳ୍ପକୁ ଦୃଷ୍ଟିରେ ରଖି ଲୋକମାନେ କାମ ପାଇଁ ଆବେଦନ କରିଥାନ୍ତି । ତେବେ ବହୁ କ୍ଷେତ୍ରରେ ଦେଖାଯାଇଥିଲା ଯେ ଜବ୍ କାର୍ଡ ରଖିଥିବା ପରିବାର ସମ୍ପୂର୍ଣ୍ଣ ୧୦୦ ଦିନର କାମ ପାଇଁ ଆବେଦନ କରିନାହାନ୍ତି।

ପଞ୍ଚାୟତର ପ୍ରଭାବଶାଳୀ ପରିଚାଳନା, ଯୋଜନାର ଗୁଣବତ୍ତା, ସଠିକ୍ ମଷ୍ଟର ରୋଲ୍ ପରିଚାଳନା,କାର୍ଯ୍ୟରେ ସ୍ୱଚ୍ଛତା, କଡ଼ାକଡ଼ି ତଦାରଖ, ସମସ୍ତ ସୂଚନାକୁ ସହଜରେ ଲୋକଙ୍କ ନିକଟରେ ପହଞ୍ଚାଇବା, ନିୟମିତ କ୍ଷେତ୍ର ପରିଦର୍ଶନ, କମ୍ ପ୍ରାଶାସନିକ ହସ୍ତକ୍ଷେପ, କମ୍ ପ୍ରାଶାସିନକ ଖର୍ଚ୍ଚ, ନିୟମିତ ତାଲିମ ଏବଂ ଜ୍ଞାନର ନେଟୱର୍କ

ଉପରେ NREGAର ସଫଳତା ନିର୍ଭର କରୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା NREG ଯୋଜନାର ବର୍ତ୍ତମାନର ରୂପ ଓ ବିଷୟ କାର୍ଯ୍ୟକାରିତାରେ ରାଜନୈତିକ ଓ ପ୍ରଶାସନିକ ହସ୍ତକ୍ଷେପ ଦେଖିବାକୁ ମିଳୁନାହିଁ ।

**NREGAରେ କଣ ରହିଛି ତ୍ରୁଟି :**

କମ୍ପଟ୍ରୋଲର୍ ଅଡିଟ୍ ଜେନେରାଲ୍ (ସିଏଜି)ଙ୍କ ରିପୋର୍ଟ ଅନୁସାରେ ଏହି ଯୋଜନାରେ ପଞ୍ଜୀକୃତ ହୋଇଥିବା ୫ କୋଟି ପରିବାର ମଧ୍ୟରୁ ମାତ୍ର ୩.୨ ପ୍ରତିଶତ ୧୦୦ ଦିନର ରୋଜଗାର ପାଉଛନ୍ତି । ତେଣୁ ହାରାହାରି ମାତ୍ର ୧୮ ଦିନର ରୋଜଗାର ଯୋଗାଯାଇଛି । ତେବେ ଏହି ଯୋଜନାର ମୁଖ୍ୟ ତ୍ରୁଟି ହେଲା ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତସ୍ତରରେ କମ୍ ସଂଖ୍ୟକ ପ୍ରଶାସନିକ ଏବଂ ବୈଷୟିକ ମାନବ ସମ୍ବଳର ଅଭାବ । ମାନବସମ୍ବଳର ଅଭାବ ଯୋଗୁଁ ଯୋଜନା ପ୍ରସ୍ତୁତ, ଯାଞ୍ଚ,ଅନୁମୋଦନ,ତଦାରଖ ସହ ବ୍ଲକ ଏବଂ ଗ୍ରାମପଞ୍ଚାୟତସ୍ତରରେ ଯୋଜନାର ପରିଚାଳନା ଏବଂ ରେକର୍ଡ଼ ରକ୍ଷଣାବେକ୍ଷଣ ପ୍ରଭାବିତ ହୋଇଛି । ଅନ୍ୟ ଏକ ତ୍ରୁଟି ହେଲା ଯୋଜନାରେ ଅନିୟମିତତା, ଯାହାକି ନିୟମ ବିରୋଧରେ ଶ୍ରମିକଙ୍କୁ କାମ ନ ଦେଇ ଠିକାଦାରଙ୍କୁ କାମ ଦେବା । ଅଧିକାଂଶ ରାଜ୍ୟରେ ଯୋଜନା ପରିଚାଳନା ଲାଗି ବୈଷୟିକ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇନାହିଁ । କିଛି ମାମଲାରେ ରାଜ୍ୟଗୁଡ଼ିକ କେନ୍ଦ୍ରଠାରୁ ଅର୍ଥ ପାଇ ନାହାନ୍ତି ।

**ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ପଞ୍ଚାୟତ :**

NREGS ରେ ଥିବା ବିଶେଷତ୍ୱ ଏହାକୁ ସରକାରଙ୍କ ଅନ୍ୟ ଯୋଜନାରୁ ଅଲଗା କରିଥାଏ । ପ୍ରଥମେ ଏହାକୁ ସଂସଦରେ ଏକ ଆଇନ୍ ଦ ନ୍ୟାସନାଲ୍ ରୁରାଲ୍ ଏମ୍ପ୍ଲୟମେଂଟ୍ ଗ୍ୟାରେଂଟି ଆକ୍ଟ NREGA ୨୦୦୫ ଭାବେ ଆଗତ କରାଯାଇଥିଲା । ତେଣୁ ଏହାକୁ ଏକ ଆଇନର ମାନ୍ୟତା ମିଳିଥିଲା । ସଂସଦ ବ୍ୟତୀତ ଅନ୍ୟ କେଉଁଠି ଏହି ଆଇନକୁ ଭଙ୍ଗାଯାଇପାରିବ ନାହିଁ । ଏହି ଆଇନର ମୁଖ୍ୟ ଅଂଶ ହେଲା ଏହା ଅଧୀନରେ ରୋଜଗାର ପାଇଁ ଆବେଦନ କରିଥିବା କୌଣସି ପରିବାରର ବୟସ୍କ ସଦସ୍ୟଙ୍କୁ ୧୦୦ ଦିନର ଅଣକୁଶଳୀ ଚାଷ କାମ ଏକ ନିର୍ଦ୍ଦିଷ୍ଟ ମଜୁରିରେ ମିଳିପାରିବ । ତେବେ ଯେଉଁ ପରିବାର ରୋଜଗାର ଚାହୁଁଛନ୍ତି ସେମାନଙ୍କୁ ନିଜ ଗ୍ରାମପଞ୍ଚାୟତରେ ପଞ୍ଜୀକୃତ ହେବାକୁ ପଡ଼ିବ । ଏହାପରେ ପଞ୍ଚାୟତ ପକ୍ଷରୁ ଉକ୍ତ ପରିବାରକୁ ଏକ ଜବକାର୍ଡ (ଯେଉଁଥିରେ କି ପରିବାରର ସମସ୍ତ ସଦସ୍ୟଙ୍କ ଫଟୋ ଲାଗିଥିବ) ଦିଆଯିବ । ଆଉ ପରିବାରର ସଦସ୍ୟଙ୍କୁ କେତେ କାମ ଦିଆଗଲା ଏବଂ ସେମାନେ କେତେ ମଜୁରୀ ପାଇଲେ ତାହା ଉକ୍ତ ଜବକାର୍ଡରେ ଉଲ୍ଲେଖ କରାଯିବ । ଏହାପରେ ଜବକାର୍ଡଧାରୀ ପରିବାର ରୋଜଗାର ପାଇଁ ଆବେଦନ କରିବା ଜରୁରୀ । ଆଉ ଆବେଦନର ୧୫ ଦିନ ମଧ୍ୟରେ ଆବେଦନକାରୀଙ୍କୁ ଅତିକମ୍‌ରେ ୧୪ ଦିନର ରୋଜଗାର ଦିଆଯିବା ଜରୁରୀ । ଏହାକୁ କେନ୍ଦ୍ର ସରକାର ପୈଠ କରିବେ । ଯଦି ସେମାନଙ୍କୁ ରୋଜଗାର ଦିଆଯାଇପାରିବ ନାହିଁ ତେବେ ପ୍ରତିଦିନ ରାଜ୍ୟ ସରକାର ବେକାରି ଭତ୍ତା ପ୍ରଦାନ କରିବେ । ତେଣୁ ପଞ୍ଚାୟତ ଦେଖିବା ଦରକାର ଯେ ରୋଜଗାର ମାଗିଥିବା ପରିବାରକୁ ସେମାନେ ଅତିକମରେ ଅଧା କାମ ଦେଇପାରୁଛନ୍ତି । କିନ୍ତୁ ଜଳସେଚନ,ପୂର୍ତ୍ତ,କୃଷି ଓ ଜଙ୍ଗଲ ଭଳି ସରକାରୀ ବିଭାଗ ନୁହଁ । ତେଣୁ ଏହି ଯୋଜନା ପାଇଁ କେନ୍ଦ୍ର ସରକାର ଅର୍ଥ ଦେଉଥିବା ବେଳେ ରାଜ୍ୟ ଏବଂ ପଞ୍ଚାୟତଗଡ଼ିକ ଏହାକୁ କାର୍ଯ୍ୟକାରୀ କରିଥାନ୍ତି ।

NREGA ଅଧିନରେ ହେଉଥିବା କାମର ଯୋଜନା ଏବଂ ନିଷ୍ପତ୍ତି ନେବାରେ ପ୍ରମୁଖ ଭୂମିକା ନେଇଥାନ୍ତି ପଞ୍ଚାୟତଗୁଡ଼ିକ । ପ୍ରତ୍ୟେକ ଜିଲ୍ଲା ଜଳ ସଂରକ୍ଷଣ, ମରୁଡ଼ି ରୋକିବା, ଜଳସେଚନ କାମ ଏବଂ ପାରମ୍ପରିକ ଜଳ ସ୍ରୋତର ପୁନରୁଦ୍ଧାର, ଜମି ଉନ୍ନୟନ,ବନ୍ୟା ଦାଉରୁ ସୁରକ୍ଷା ଏବଂ ଗ୍ରାମୀଣ ଯୋଗାଯୋଗ କ୍ଷେତ୍ରରେ

ଆବଶ୍ୟକ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରିବେ । ତେବେ NREGAର ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ରୋଜଗାର ଯୋଗାଇବା ସହ କୃଷି ସମ୍ବଳକୁ ଉପଯୋଗ କରି ଉତ୍ପାଦନକୁ ବୃଦ୍ଧି କରିବା ।

## ୧.୫ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY)

IRDP ଏବଂ ଏ ସମ୍ପର୍କିତ ଆଉ କିଛି ଯୋଜନାକୁ ମିଶାଇ ୧୯୯୯ ମସିହା ଏପ୍ରିଲ ୧ ତାରିଖରେ ଆରମ୍ଭ କରାଯାଇଥିଲା ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା । ଗ୍ରାମୀଣ ଲୋକଙ୍କ ପାଇଁ ଏହା ଏକମାତ୍ର ଆତ୍ମନିଯୁକ୍ତି ଯୋଜନା ।

SGSYରେ ୬ଟି ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମକୁ ସମନ୍ୱିତ କରାଯାଇଛି । ସେଗୁଡ଼ିକ ହେଲା, IRDP, TRYSEM, DWCRA, SITRA (Supply of Improved Toolkits to Rural Artisans), GKY (Ganga Kalyan Yojana ) ଏବଂ MWS (Million Well Scheme).

SGSYର ମୂଳ ଲକ୍ଷ୍ୟ ଥିଲା ବେକାରିମାନଙ୍କୁ ବ୍ୟାଙ୍କ ଋଣ ଓ ସରକାରୀ ସବ୍‌ସିଡି ଜରିଆରେ ଆୟସୃଷ୍ଟିକାରୀ ସମ୍ବଳ ପ୍ରଦାନ କରି ୩ ବର୍ଷରେ ଆତ୍ମନିର୍ଭରଶୀଳ କରି ଦାରିଦ୍ର୍ୟ ସୀମା ରେଖାର ଉପରକୁ ଆଣିବା । ଏହି ଯୋଜନାକୁ କାର୍ଯ୍ୟକାରୀ କରିଥାଏ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସି-DRDA ।

ଏହି ଯୋଜନାରେ ସହାୟତା ପାଉଥିବା ପରିବାରବର୍ଗ (ସେମାନେ ବ୍ୟକ୍ତିଗତ ନଚେତ୍ ଗୋଷ୍ଠୀଗତ ହୋଇଥାଇପାରନ୍ତି)କୁ ସ୍ୱରୋଜଗାରୀ ବୋଲି କୁହାଯାଉଥିଲା । ଏମାନଙ୍କୁ ଏକ ୩ ଜଣିଆ କମିଟି ବିପିଏଲ୍ ପରିବାରରୁ ଚୟନ କରିବେ । ବିଡ଼ିଓ ଏବଂ ବ୍ୟାଙ୍କ ଅଧିକାରୀ ଓ ସରପଞ୍ଚକୁ ନେଇ ଏହି ୩ ଜଣିଆ ଟିମ୍ ଗଠନ ହୋଇଥାଏ ।

**SGSYର ରଣନୀତି**

- କାର୍ଯ୍ୟକଳାପ ଚୟନ ଲାଗି ଗୋଷ୍ଠୀଗତ ଆଭିମୁଖ୍ୟ
- ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଋଣ ପ୍ରଦାନ
- ପ୍ରଶିକ୍ଷଣ ଏବଂ ଭିତିଭୂମି ସାମଗ୍ରୀ ଏବଂ
- ବେସରକାରୀ ସଂଗଠନଗୁଡ଼ିକୁ ସମ୍ପୃକ୍ତ କରିବା

**SGSYର ପ୍ରମୁଖ ବୈଶିଷ୍ଟ୍ୟ :**

- ଗ୍ରାମୀଣ ଅଞ୍ଚଳରେ ବହୁ ସଂଖ୍ୟାରେ ଅଣୁ ବା ଅତି କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ଗ୍ରାମୀଣ ଲୋକଙ୍କ ଦକ୍ଷତା ବୃଦ୍ଧି କରିବା SGSYର ଲକ୍ଷ୍ୟ ।
- ଅଣୁ ଉଦ୍ୟୋଗ ପ୍ରତିଷ୍ଠା କରିବା ଲାଗି ଗୋଷ୍ଠୀଗତ ଆଭିମୁଖ୍ୟ ଉପରେ SGSY ଗୁରୁତ୍ୱ ଦେଇଥାଏ । ଏଥିପାଇଁ ପ୍ରତ୍ୟେକ ବ୍ଲକରେ ୪ରୁ ୫ଟି କାର୍ଯ୍ୟକଳାପକୁ ଚିହ୍ନଟ କରାଯାଇଥାଏ । ତେବେ SGSY ସହାୟତାର ଅଧିକାଂଶ ଅନୁଦାନ ଗୋଷ୍ଠୀଗତ କାର୍ଯ୍ୟକଳାପରେ ଖର୍ଚ୍ଚ କରାଯାଏ । ପ୍ରତ୍ୟେକ ପ୍ରମୁଖ କାର୍ଯ୍ୟକଳାପ ପାଇଁ SGSY ଏକ ପ୍ରକଳ୍ପ ଆଭିମୁଖ୍ୟ ରଖିଥାଏ । ପ୍ରତ୍ୟେକ ଚିହ୍ନଟ ହୋଇଥିବା ପ୍ରମୁଖ କାର୍ଯ୍ୟକଳାପ ପାଇଁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାରେ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ ଥାଆନ୍ତି । ଋଣ ପ୍ରଦାନରେ ବିଳମ୍ବ

ଏଡାଇବା ଏବଂ ଆର୍ଥିକ ଅନୁଦାନକୁ ନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ନେଇଥାନ୍ତି ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥା ।

- ଗୋଷ୍ଠୀଗତ କାର୍ଯ୍ୟକଳାପ ପାଇଁ ରହିଥିବା ଭିତ୍ତିଭୂମିର ସମୀକ୍ଷା କରାଯାଇ ଏଥିରେ ଥିବା ତ୍ରୁଟି ଚିହ୍ନଟ କରିବା ଦରକାର । SGSYଯୋଜନାରେ ପ୍ରତ୍ୟେକ ଜିଲ୍ଲାକୁ ଦିଆଯାଉଥିବା ଅନୁଦାନ ଅର୍ଥର ୨୦ ପ୍ରତିଶତ ସେଲିଂ (ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ୨୫ ପ୍ରତିଶତ)କୁ ଜମା କରାଯାଏ । ଏହି ଅର୍ଥକୁ ଡିଆରଡିଏ SGSY ଭିତ୍ତିଭୂମି ପାଣ୍ଠି ଭାବେ ପରିଚାଳନା କରିଥାଏ ।
- ପ୍ରମୁଖ କାର୍ଯ୍ୟକଳାପ ଯୋଜନା କରିବା ବେଳେ ଯେଭଳି ଅଧିକ ପଞ୍ଚାୟତ ସାମିଲ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଇଥାଏ ।
- ସହାୟତା ପାଉଥିବା ପରିବାର କୌଣସି ବ୍ୟକ୍ତି ନଚେତ ଗୋଷ୍ଠୀ (ସ୍ୱୟଂସହାୟକ ଗୋଷ୍ଠୀ) ହୋଇଥାଇପାରନ୍ତି । ତେବେ ଗୋଷ୍ଠୀଗତ ଆଭିମୁଖ୍ୟକୁ ପ୍ରାଧାନ୍ୟ ଦେଇଥାଏ SGSY ।
- ବିପିଏଲ୍ ଗଣନାରେ ଚିହ୍ନଟ ହୋଇଥିବା ପରିବାର ତାଲିକାକୁ ମଞ୍ଜୁର କରିଥାଏ ଗ୍ରାମ ସଭା ।
- SGSYର ମୂଳ ଲକ୍ଷ୍ୟ ହେଉଛି ଗରିବ ମହିଳା ଏବଂ ଦୁର୍ବଳ ଗୋଷ୍ଠୀର ଦାରିଦ୍ର୍ୟ ନିର୍ମୂଳ କରିବା । ତେଣୁ ଏହି ଯୋଜନାର ୫୦ ପ୍ରତିଶତ ତଫସିଲଭୁକ୍ତ ଜାତି,ଜନଜାତିଙ୍କ ପାଇଁ ଖର୍ଚ୍ଚ ହେଉଥିବା ବେଳେ ମହିଳାଙ୍କ ପାଇଁ ୪୦ ପ୍ରତିଶତ ଏବଂ ଭିନ୍ନକ୍ଷମଙ୍କ ପାଇଁ ୩ ପ୍ରତିଶତ ଖର୍ଚ୍ଚ ହୋଇଥାଏ ।
- SGSY ରେ ଋଣ ହେଉଛି ପ୍ରମୁଖ ଅଙ୍ଗ । ପ୍ରକଳ୍ପ ଯୋଜନା ଏବଂ ପ୍ରସ୍ତୁତି କରିବା, ଗୋଷ୍ଠୀଗତ କାର୍ଯ୍ୟକଳାପର ଚିହ୍ନଟ, ଭିତ୍ତିଭୂମି ଯୋଜନା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକଳାପର ଚିହ୍ନଟ ଲାଗି ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକର ସମ୍ପୃକ୍ତି ପାଇଁ ଏଥିରେ ପ୍ରସ୍ତାବ ରହିଥାଏ ।
- ଏକକାଳୀନ ବା ଥରକେ ଋଣ ବଦଳରେ ବହୁ ଥର ଋଣ ପ୍ରଦାନକୁ ପ୍ରୋତ୍ସାହନ ଦିଆଯାଇଥାଏ । ସ୍ୱରୋଜଗାରୀଙ୍କ ଋଣ ଆବଶ୍ୟକତାକୁ ଭଲ ଭାବେ ଅନୁଧ୍ୟାନ କରାଯାଇଥାଏ । ସ୍ୱରୋଜଗାରୀଙ୍କୁ ପ୍ରତିବର୍ଷ ଋଣ ମାତ୍ରା ଅଧିକ କରିବାକୁ ପ୍ରୋତ୍ସାହିତ କରାଯାଇଥାଏ ।
- ଉପଯୁକ୍ତ ପ୍ରଶିକ୍ଷଣ ପାଠ୍ୟକ୍ରମ ଜରିଆରେ ଦକ୍ଷତା ବୃଦ୍ଧି ଉପରେ SGSY ଅଧିକ ଗୁରୁତ୍ୱ ଦେଇଥାଏ । ଯେଉଁମାନଙ୍କୁ ଋଣ ପ୍ରଦାନ କରାଯାଇଥାଏ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଏ । ପ୍ରମୁଖ କାର୍ଯ୍ୟକଳାପର ଆବଶ୍ୟକତାକୁ ମେଂଟାଇବା ଲାଗି ପ୍ରଶିକ୍ଷଣର ରୂପରେଖ ଏବଂ ସମୟ ପ୍ରସ୍ତୁତ କରାଯାଏ । ପ୍ରଶିକ୍ଷଣ ଲାଗି SGSY ଅନୁଦାନର ୧୦ ପ୍ରତିଶତ ଅଲଗା ରଖିବା ଲାଗି ଡିଆରଡିଏକୁ ଅନୁମତି ଦିଆଯାଇଛି । ଏହାକୁ SGSY ପ୍ରଶିକ୍ଷଣ ପାଣ୍ଠି ଭାବେ ବଜାୟ କରିବା ଦରକାର ।
- ଚିହ୍ନଟ ହୋଇଥିବା ଗୋଷ୍ଠୀଗତ କାର୍ଯ୍ୟକଳାପରେ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ପାଇଁ SGSY ଉଦ୍ୟମ କରିଥାଏ। ସ୍ଥାନୀୟ ବଜାରରେ ଉପଲବଧ ସାମଗ୍ରୀର ବିପଣନରେ ଏହା ପ୍ରମୁଖ ଭୂମିକ ନେଇଥାଏ ।
- ସ୍ୱରୋଜଗାରୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଚାର ପ୍ରସାର ପାଇଁ SGSY ଜରିଆରେ ଆବଶ୍ୟକ ପଦକ୍ଷେପ ନିଆଯାଇଥାଏ । ଏଥିମଧ୍ୟରେ ବଜାର ସୂଚନା, ବଜାରର ବିକାଶ ଏବଂ ସାମଗ୍ରୀର ରପ୍ତାନୀ ସାମିଲ ରହିଛି ।
- ଡିଆରଡିଏ, ପଞ୍ଚାୟତ ସମିତି ଦ୍ୱାରା SGSY କାର୍ଯ୍ୟକାରୀ କରିଥାଏ । ଯୋଜନା,କାର୍ଯ୍ୟାନ୍ୱୟନ ଏବଂ ତଦାରଖ ବ୍ୟବସ୍ଥାରେ ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ଅନୁଷ୍ଠାନ,ପଞ୍ଚାୟତିରାଜ ଅନୁଷ୍ଠାନ, ବେସରକାରୀ ସଂଗଠନ ସହିତ ଜିଲ୍ଲାର ପ୍ରଶିକ୍ଷଣ ସଂସ୍ଥାନଗୁଡିକ ମଧ୍ୟ ସାମିଲ ହୋଇଥାନ୍ତି ।

- ଅନ୍ୟ ସରକାରୀ ବିଭାଗ, ଅର୍ଦ୍ଧ ସରକାରୀ ତଥା ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହ ମିଶି ଗ୍ରାମୀଣ ଲୋକଙ୍କ ଆତ୍ମନିଯୁକ୍ତି ସଯୋଗ ସୃଷ୍ଟି କରିବା ପାଇଁ ନୂଆ ନୂଆ ପଦକ୍ଷେପ ନିଆଯାଇଥାଏ । ଏଥିପାଇଁ ଜାତୀୟସ୍ତରରେ SGSYର ୧୫ ପ୍ରତିଶତ ଅର୍ଥକୁ ରଖାଯାଏ ।

## SGSYର ବିଶ୍ଲେଷଣ :

- କୌଣସି ଅଞ୍ଚଳରେ ଉପଲବ୍ଧ ସମ୍ବଳ ଏବଂ ଦକ୍ଷତା ସହିତ ବଜାର ଆଧାରରେ ହିଁ SGSYଅଧିନରେ କାର୍ଯ୍ୟକଳାପକୁ ଚୟନ କରାଯାଇଥାଏ ।
- ପ୍ରମୁଖ କାର୍ଯ୍ୟକଳାପର ଚିହ୍ନଟ ସହ ଟେକ୍ନୋଲୋଜିର ଚିହ୍ନଟ ପ୍ରକ୍ରିୟାକୁ ଘନିଷ୍ଠ ଭାବେ ଯୋଡ଼ିବା ଦରକାର ।
- ପ୍ରତ୍ୟେକ କାର୍ଯ୍ୟକଳାପ ପାଇଁ ଚିହ୍ନଟ ହୋଇଥିବା ଟେକ୍ନୋଲୋଜି ଏଭଳି ହେବା ଦରକାର ଯଦ୍ୱାରା ସ୍ୱରୋଜଗାରୀ ଏହାକୁ ଆରାମରେ ପରିଚାଳନା କରିପାରିବେ । ଯାହାଫଳରେ ଏହା ଭଲ ଉତ୍ପାଦ ସୃଷ୍ଟି କରିପାରିବ ।
- ଡିଆରଡିଏ IRDPକୁ ସକ୍ରିୟ ଭାବେ କାର୍ଯ୍ୟକାରୀ କରି ପାରି ନ ଥିଲା । ଏହା ମଧ୍ୟ ସହାୟତା ପାଉଥିବା ସ୍ୱଂୟ ସହାୟକ ଗୋଷ୍ଠୀଙ୍କ ତଦାରଖ ଏବଂ ଗ୍ରେଡେସେନ୍ କରିବାରେ ବି ସଫଳ ହୋଇ ପାରି ନ ଥିଲା ।

**ଦଶମ ଯୋଜନା ଲାଗି ଉଦ୍ଦିଷ୍ଟ କାର୍ଯ୍ୟଗୋଷ୍ଠୀ ନିମ୍ନଲିଖିତ କାରଣଗୁଡ଼ିକୁ SGSYର ମନ୍ଥର ଅଗ୍ରଗତି ପାଇଁ ଦାୟୀ କରିଥିଲେ**

କ) ୧୯୯୯-୨୦୦୦ ମଧ୍ୟରେ ଯୋଜନା ଆରମ୍ଭ ହେବା ଏବଂ ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟରେ ବିଳମ୍ବ

ଖ) ବିଭିନ୍ନ ଅଂଶଗ୍ରହଣକାରୀଙ୍କୁ ସଚେତନ କରିବାରେ ସମୟ

ଗ) ଯୋଜନା ଅଧିନରେ ଥିବା ସମ୍ବଳ ଆଧାରରେ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ବ୍ୟକ୍ତିଗତ ସ୍ୱରୋଜଗାରୀଙ୍କୁ ଡିଆରଡିଏ ଅଧିକ ଭାବେ ସହାୟତା ଜାରି ରଖିବା

ଘ) ଏହି ସମୟରେ ବ୍ୟାଙ୍କ ଋଣ ପ୍ରଦାନ ଇଚ୍ଛା ଅନୁସାରେ ହୋଇ ନ ଥିଲା

ଙ) ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ଋଣ ପ୍ରଦାନ ପାଇଁ ବ୍ୟାଙ୍କ ଶାଖାଗୁଡ଼ିକୁ କମ୍ କ୍ଷମତା

ଚ) ୫୦ ହଜାର ଟଙ୍କାରୁ ଅଧିକ ପାଇଁ ବ୍ୟାଙ୍କଗୁଡ଼ିକ ପାରିପାର୍ଶ୍ୱିକ ଅମାନତ ମାଗିବା

ଯୋଜନାର ପ୍ରଥମ ଦୁଇ ବର୍ଷରେ ଆବଶ୍ୟକ ଋଣର ଅଭାବ ଯୋଗୁଁ ପ୍ରତି ପରିବାର ପିଛା ନିବେଶ ସହ ଋଣ ସବସିଡି ଗଭୀର ଭାବରେ ପ୍ରଭାବିତ ହୋଇଛି ।

୨୦୦୧ ମସିହା ଜୁନ୍ ୨୩, ୨୪ ତାରିଖରେ ଜାତୀୟ ଗ୍ରାମାଞ୍ଚଳ ବିକାଶ (ଏନ୍ଏଚ୍ଆରଡି),ହାଇଦ୍ରାବାଦରେ ହୋଇଥିବା ଜାତୀୟ ସମ୍ମିଳନୀରେ ବିଭିନ୍ନ ରାଜ୍ୟର ଗ୍ରାମୀଣ ବିକାଶ ମନ୍ତ୍ରୀ,ବେସରକାରୀ ସଂଗଠନ,କ୍ଷେତ୍ରସ୍ତରୀୟ ଅଧିକାରୀ, ବ୍ୟାଙ୍କ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଭାଗ ନେଇଥିଲେ । ଏହି ସମ୍ମିଳନୀରେ SGSYକୁ ସୁଦୃଢ଼ କରିବା ଲାଗି କିଛି ପରାମର୍ଶ ଦିଆଯାଇଥିଲା । ତାହା ହେଲା -

- ପ୍ରତି ବ୍ଲକ/ଜିଲ୍ଲାସ୍ତରୀୟ ପ୍ରମୁଖ କାର୍ଯ୍ୟକଳାପରେ ରିହାତି
- ସ୍ୱୟଂ ସହାୟକ ଗୋଷ୍ଠୀର ଆକାରରେ ରିହାତି
- ପ୍ରଥମେ ଅର୍ଥ ସଂଗ୍ରହ ତା ପରେ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମୟରେ ରିହାତି

- ଉଭୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ପାଇଁ ଅମାନତ ଜମା ଉପରେ ଋଣ ସୀମା ବୃଦ୍ଧି
- ଯୋଜନା କାର୍ଯ୍ୟକାରୀତାରେ ବ୍ୟାଙ୍କଗୁଡ଼ିକର ଦାୟିତ୍ୱବୋଧତା
- ଗରିବଙ୍କ ସାମାଜିକ ଗତିବିଧି ପାଇଁ ସ୍ୱେଚ୍ଛାସେବୀ ସଂଗଠନର ସକ୍ରିୟ ଭୂମିକା
- ସମସ୍ତ ସମ୍ପର୍କିତ ଲୋକଙ୍କୁ ସଚେତନ କରାଇବା
- ପର୍ଯ୍ୟାୟ କ୍ରମେ ବ୍ୟକ୍ତିଗତ ଆର୍ଥିକ ସହାୟତାରୁ ଗୋଷ୍ଠୀଗତ ଆର୍ଥିକ ସହାୟତା ଆଡ଼କୁ ଯିବା ଏବଂ ଯୋଜନା ଅଧୀନରେ ଗୋଷ୍ଠୀକୁ ୧୦୦ ପ୍ରତିଶତ ଆର୍ଥିକ ସହାୟତା ନିଶ୍ଚିତ କରିବା ।

## ୧.୬ ଇନ୍ଦିରା ଆବାସ ଯୋଜନା IAY

ଭାରତ ସରକାର ୧୯୮୫-୮୬ ମସିହାଠାରୁ  ସାରା ଦେଶରେ ଇନ୍ଦିରା ଆବାସ ଯୋକଜନା (IAY) କାର୍ଯ୍ୟକାରୀ କରୁଛନ୍ତି । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଦିନମଜୁରିଆ ଲୋକଙ୍କୁ ରହିବା ପାଇଁ ଘର ଯୋଗାଇବା ଉଦ୍ଦେଶ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଥିଲା । ୧୯୯୩-୯୪ରୁ ଏହି ଯୋଜନାରେ ଅଣ ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଗରିବ ଲୋକଙ୍କୁ ମଧ୍ୟ ସାମିଲ କରାଯାଇଥିଲା । ହେଲେ ଏଥିପାଇଁ ବିଭିନ୍ନ ସର୍ତ୍ତ ରହିଥିଲା । ସେହିପରି କାର୍ଯ୍ୟସ୍ଥଳରେ ପ୍ରାଣ ହରାଇଥିବା ସେନା ଓ ଅର୍ଦ୍ଧସାମରିକ ବାହିନୀର କର୍ମଚାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଯୋଜନାରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ମଧ୍ୟ ୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିଲା ।

IAY ହେଉଛି ଶହେ ପ୍ରତିଶତ କେନ୍ଦ୍ର ସରକାରଙ୍କ ଯୋଜନା । ତେବେ ଏଥିପାଇଁ ଖର୍ଚ୍ଚ ହେଉଥିବା ଅନୁଦାନର ୭୫ ପ୍ରତିଶତ କେନ୍ଦ୍ର ଦେଇଥିବା ବେଳେ ବାକି ୨୫ ପ୍ରତିଶତ ଦେଇଥାନ୍ତି ରାଜ୍ୟ ସରକାର । ଏହି ଯୋଜନାରେ ଜିଲ୍ଲାର ଏସସି/ଏସଟି ଜନସଂଖ୍ୟା ଆଧାରରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ଅର୍ଥ ଆବଣ୍ଟିତ କରାଯାଇଥାଏ ।

ଏହି ଯୋଜନାରେ ପରିବାରର ମହିଳା ସଦସ୍ୟଙ୍କ ନାଁରେ ଘର ଆବଣ୍ଟିତ କରାଯାଇଥାଏ । ବିକଳ୍ପ ଭାବେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ନାଁରେ ମଧ୍ୟ ଘର ଆବଣ୍ଟିତ କରାଯାଇପାରେ ।  ହିତାଧିକାରୀମାନେ ଆରମ୍ଭରୁ ଘର ନିର୍ମାଣ କାମରେ ସମ୍ପୃକ୍ତ ହୋଇ ନିଜ ଆବଶ୍ୟକତା ଅନୁସାରେ ଘର ତିଆରି କରିବା ଦରକାର । ସମୂହ ଆକାରରେ ଘର ତିଆରି କରାଗଲେ ମୌଳିକ ସୁବିଧା ସୁଯୋଗ ଯୋଗାଇବା ସହଜ ହୋଇଥାଏ । ସମତଳ ଅଞ୍ଚଳରେ ପ୍ରତି ଘର ପିଛା ନିର୍ମାଣ ଖର୍ଚ୍ଚ ୫,୦୦୦ ଏବଂ ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ୨୭, ୫୦୦ ଟଙ୍କା ଦିଆଯାଇଥାଏ ।

ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ଇନ୍ଦିରା ଆବାସ ଯୋଜନାରେ ପଞ୍ଚାୟତସ୍ତରରେ କେତେ ଘର ନିର୍ମାଣ ପାଇଁ ଅନୁଦାନ ଦିଆଯିବ ତାହା ନିର୍ଦ୍ଧାରିତ କରିଥାଏ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସି/ଜିଲ୍ଲା ପରିଷଦ । ମିଳୁଥିବା ଅର୍ଥ ଏବଂ ଟାର୍ଗେଟକୁ ଲକ୍ଷ୍ୟ କରି ଏହି ନିଷ୍ପତି ନେଇଥାଏ ଏଜେନ୍ସି/ଜିଲ୍ଲା ପରିଷଦ । ଏହାକୁ ଗ୍ରାମପଞ୍ଚାୟତକୁ ଜଣାଇ ଦିଆଯାଏ । ଇନ୍ଦିରା ଆବାସ ଯୋଜନା ନିର୍ଦ୍ଦେଶାବଳୀ ଅନୁସାରେ ଗ୍ରାମ ସଭା ହିଁ ଯୋଗ୍ୟ ହିତାଧିକାରୀ ତାଲିକାରୁ ହିତାଧିକାରୀଙ୍କ ଚୟନ କରିଥାଏ । ଏଥିପାଇଁ ପଞ୍ଚାୟତ ସମିତିର ଅନୁମୋଦନ ଆବଶ୍ୟକ ପଡ଼େ ନାହିଁ । ତେବେ ସୂଚନା ପାଇଁ ପଞ୍ଚାୟତ ସମିତି ମନୋନୀତ ହିତାଧିକାରୀଙ୍କ ତାଲିକା ପଠାଇଥାଏ ।

ଦେଶର ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା କରାଯାଇଥିବା ଡିଆରଡିଏ ଜରିଆରେ ଇନ୍ଦିରା ଆବାସ ଯୋଜନା କାର୍ଯ୍ୟକାରୀ କରାଯାଇଥାଏ । କ୍ଷେତ୍ରସ୍ତରରେ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନେଇଥାନ୍ତି ବ୍ଲକ ପ୍ରଶାସନ । ଗାଁ ସ୍ତରରେ ହିତାଧିକାରୀଙ୍କ ଚୟନର ଦାୟିତ୍ୱ ରହିଥାଏ ଗ୍ରାମସଭାର ।

ଇନ୍ଦିରା ଆବାସ ଯୋଜନାର ପ୍ରମୁଖ ଅଂଶ ହେଲା ପାଇଖାନା ନିର୍ମାଣ । ତେବେ ଦେଖାଯାଇଛି ଯେ ଆଧିକାଂଶ ସ୍ଥାନରେ ଇନ୍ଦିରା ଆବାସ ଯୋଜନାରେ ଆବଣ୍ଟିତ ଘରଗୁଡ଼ିକରେ ପାଇଖାନା ନିର୍ମାଣ ହେଉ ନାହିଁ । ଅଥବା ଲୋକଙ୍କ କୁଅଭ୍ୟାସ ଯୋଗୁଁ ନିର୍ମାଣ ହୋଇଥିଲେ ହେଁ ଏହାର ସୁବିନିଯୋଗ ହୋଇପାରୁନାହିଁ ।

**ଇନ୍ଦିରା ଆବାସ ଯୋଜନାର ପ୍ରଭାବ**

ଗରିବ ଲୋକଙ୍କୁ ଘର ଯୋଗାଇବାର ସକରାତ୍ମକ ପ୍ରଭାବ ଲୋକଙ୍କ ମାନସିକ ଓ ଶାରିରୀକ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ପିଲାଙ୍କ ଶିକ୍ଷା, ପରିମଳ ଓ ଉନ୍ନତ ଜୀବନଯାପନ ଶୈଳୀ ଉପରେ ମଧ୍ୟ ସକରାତ୍ମକ ପ୍ରଭାବ ପଡ଼ିଥାଏ । ତେବେ ଇନ୍ଦିରା ଆବାସ ଯୋଜନାର ଘର ନିର୍ମାଣ ସମ୍ପୂର୍ଣ୍ଣ ଭାବେ ହିତାଧିକାରୀଙ୍କ ଦାୟିତ୍ୱ ତେଣୁ କାର୍ଯ୍ୟକ୍ରମରେ ଲୋକଙ୍କ ଭାଗିଦାରିତାକୁ ବଢ଼ାଇଥାଏ ।

## ୧.୭ ଜାତୀୟ ଗ୍ରାମୀଣ ଆଜୀବିକା ମିଶନ-ନ୍ୟାସନାଲ ରୁରାଲ୍ ଲାଇଭଲିହୁଡ ମିଶନ (NRLM)/ଆଜୀବିକା

ଗରିବ ଲୋକଙ୍କ ଜୀବନଜୀବିକାକୁ ନେଇ ଉଦବେଗ ପ୍ରକାଶ କରି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ୨୦୧୧ ଜୁନ ୩ ତାରିଖରେ ଏକ ନୂଆ ବିସ୍ତୃତ ଓ ମହତ୍‌ଙ୍କାକ୍ଷୀ ଯୋଜନା ଆରମ୍ଭ କରିଥିଲେ । ତାହା ହେଲା ଜାତୀୟ ଗ୍ରାମୀଣ ଆଜୀବିକା ମିଶନ-ନ୍ୟାସନାଲ୍ ରୁରାଲ୍ ଲାଇଭ୍‌ଲିହୁଡ୍ ମିଶନ ବା NRLM । ଗରିବ ଲୋକଙ୍କ  ଜୀବନଜୀବିକା ଏବଂ ଜୀବନଯାପନର ମାନ ଉନ୍ନତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ଯୋଜନାର ଆଉ ଏକ ଉଦ୍ଦେଶ୍ୟ ହେଲା, ଗ୍ରାମୀଣ ଲୋକଙ୍କ ପାଇଁ ଏଭଳି ଦକ୍ଷ ଓ ପ୍ରଭାବଶାଳୀ ପ୍ଲାଟଫର୍ମ ତିଆରି କରିବା, ଯଦ୍ୱାରା ସେମାନେ ସ୍ଥାୟୀ ଜୀବିକା ଆଧାରରେ ନିଜର ପାରିବାରିକ ଆୟ ବଢାଇବା ସହ ଆର୍ଥିକ ସେବାକୁ ଉନ୍ନତ କରିପାରିବେ । ଘଜଖଗ ର ମିଶନ ଷ୍ଟେଟ୍‌ମେଣ୍ଟ୍ ରେ କୁହାଯାଇଛି ଯେ, ଦାରିଦ୍ର୍ୟତାକୁ ହ୍ରାସ କରିବା ପାଇଁ ଗରିବ ପରିବାର ଯେଭଳି ଲାଭଦାୟକ ଆତ୍ମନିଯୁକ୍ତି ଏବଂ କୁଶଳ ରୋଜଗାର ସୁଯୋଗ ପାଇପାରିବ ସେ ଦିଗରେ ସେମାନଙ୍କୁ ସକ୍ଷମ କରାଯିବ । ଏହାଦ୍ୱାରା ମଜବୁତ ଓ ସ୍ଥାୟୀ ତୃଣମୂଳ ସଂସ୍ଥାନ ନିର୍ମାଣ କରି ଏହା ଜରିଆରେ ଗରିବଙ୍କ ଜୀବନଜୀବିକାରେ ଆଶାନୁରୂପ ଭାବେ ଉନ୍ନତି କରାଯାଇପାରିବ ।୨୦୧୩-୧୪ ବର୍ଷର ସାଧାରଣ ବଜେଟରେ ଆଜୀବିକା ମିଶନ ପାଇଁ ୪୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ତେବେ ୨୦୧୬ ମାର୍ଚ୍ଚ ମାସରେ ଏହି ଯୋଜନାକୁ ଦୀନଦୟାଲ ଅନ୍ତୋଦୟ ଯୋଜନା-ଜାତୟ ଗ୍ରାମୀଣ ଆଜିବୀକା ମିଶନ (DAY-NRLM) ନାମରେ ପୁନଃ ନାମିତ କରାଯାଇଥିଲା ।

**ଯୋଜନର ମୁଖ୍ୟ ବିଶେଷତ୍ୱ :**

ଏହି ଯୋଜନାର ମୁଖ୍ୟ ବିଶେଷତ୍ୱ ହେଲା, ସାର୍ବଭୌମ୍ୟ ସାମାଜିକ ସମାବେଶ ଏବଂ ଗରିବ (ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ଗ୍ରାମ୍ୟ ଓ ଉଚ୍ଚସ୍ତରୀୟ ମହାସଂଘ)ଙ୍କ ସଂସ୍ଥାନକୁ ପ୍ରୋତ୍ସାହିତ କରି ଏହା ଜରିଆରେ ପ୍ରତ୍ୟେକ ଗରିବ ପରିବାରର ସାର୍ବଭୌମ୍ୟ ସାମାଜିକ ଏବଂ ଆର୍ଥିକ ସମାବେଶକୁ ମୁଖ୍ୟ ବିକାଶ ପ୍ରକ୍ରିୟାରେ

ସାମିଲ କରିବା । ଯେଉଁଥିରେ ପ୍ରତି ନିର୍ଦ୍ଧାରିତ ଗ୍ରାମୀଣ ଗରିବ ପରିବାରର ଅତି କମ୍‌ରେ ଜଣେ ସଦସ୍ୟ ବିଶେଷ କରି ମହିଳାଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ନେଟ୍‌ୱର୍କରେ ସାମିଲ କରାଯିବ । ଏହି କାର୍ଯ୍ୟକ୍ରମକୁ ଏବେକାର ଅନୁଦାନ ଆଧାରିତ ରଣନୀତିରୁ

ଚାହିଦା ଅନୁଯାୟୀ ରଣନୀତି ଆଡକୁ ପରିବର୍ତ୍ତନ ରୂପେ ଦେଖାଯାଇଥାଏ । ଯାହାକି ଫଳାଫଳ, ନିର୍ଦ୍ଧାରିତ ସମୟ ମଧ୍ୟରେ ବିତରଣ, ନିରନ୍ତର ଦକ୍ଷତା ବିକାଶ, ଆବଶ୍ୟକ କୌଶଳ ବିକାଶ ଏବଂ ଗରିବଙ୍କ ପାଇଁ ଜୀବନଜୀବିକା ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ । ମିଶନ୍ ଡକ୍ୟୁମେଣ୍ଟ ଅନୁସାରେ NRLM ୩ଟି ସ୍ତମ୍ଭ ଉପରେ କାର୍ଯ୍ୟ କରିଥାଏ । ଗରିବଙ୍କ ବର୍ତ୍ତମାନର ଜୀବନଜୀବିକା ବିକଳ୍ପକୁ ବିକଶିତ ଏବଂ ସମ୍ପ୍ରସାରିତ କରିବା,ରୋଜଗାର ବଜାର ବାହାରେ ଦକ୍ଷତାର ବିକାଶ ଏବଂ ଆତ୍ମନିର୍ଭରଶୀଳ ବ୍ୟକ୍ତି ଏବଂ ଉଦ୍ୟୋଗୀଙ୍କୁ ପୋଷଣ କରିବା । ଏହା ମଧ୍ୟ ଗ୍ରାମୀଣ ସଂସ୍କାର ପାଇଁ ଚାଲିଥିବା ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକ, ପଞ୍ଚାୟତିରାଜ ସଂସ୍ଥାନ ସମ୍ପର୍କରେ ଥିବା ସଂସ୍ଥା ଏବଂ ବେସରକାରୀ ସଂଗଠନ/ଗୋଷ୍ଠୀ ଆଧାରିତ ସଂଗଠନକୁ ଏକାଠି କରିବାକୁ ଉଦ୍ୟମ କରିଥାଏ ।

ଏକ ସମର୍ପିତ ସହାୟତା ଢାଂଚା ଜରିଆରେ ଗରିବଙ୍କ ସଂସ୍ଥାଗତ ପ୍ଲାଟଫର୍ମର ନିର୍ମାଣ ସହ ଏହାକୁ ସୁଦୃଢ କରାଯାଇଥାଏ ।

୨୦୧୩ ମସିହା ମେ ୬ ତାରିଖରେ କେନ୍ଦ୍ର କ୍ୟାବିନେଟ୍ NRLM ଅଧୀନରେ ଟାର୍ଗେଟ ଗ୍ରୁପ ଚିହ୍ନଟ ବ୍ୟବସ୍ଥାକୁ ବଦଳାଇବାକୁ ନିଷ୍ପତି ନେଇଥିଲା । ନୂଆ ବ୍ୟବସ୍ଥା ଅନୁସାରେ ଗୋଷ୍ଠୀଗତ ସ୍ତରରେ ବିପିଏଲ୍ ତାଲିକା ଆଧାରିତ ଅଂଶଗ୍ରହଣକାରୀ ଗରିବ ଚିହ୍ନଟ ପ୍ରକ୍ରିୟା (PIP)ରୁ ଟାର୍ଗେଟ ଗ୍ରୁପ୍ ଚିହ୍ନଟ କରାଯାଉଛି । PIP ପ୍ରକ୍ରିୟାରେ ଚୂଡାନ୍ତ ହୋଇଥିବା ହିତାଧିକାରୀ ତାଲିକାକୁ ଗ୍ରାମ ସଭା ଯାଞ୍ଚ କରିବା ପରେ ଗ୍ରାମ ପଞ୍ଚାୟତ ମଞ୍ଜୁରୀ ଦେଇଥାଏ ।

**ସହାୟକ ଢାଞ୍ଚା :**

NRLM ଜାତୀୟ ସ୍ତରରେ ନ୍ୟାସନାଲ ମିଶନ ମ୍ୟାନେଜମେଣ୍ଟ ୟୁନିଟ (NMMU), ପରାମର୍ଶଦାତା କମିଟି (AC), ସମନ୍ୱୟ କମିଟି (CC),ସଶକ୍ତୀକରଣ କମିଟି (EC),ରାଜ୍ୟସ୍ତରରେ ରାଜ୍ୟ ଗ୍ରାମୀଣ ଜୀବିକା ମିଶନ (SRLM), ରାଜ୍ୟ ମିଶନ୍ ମ୍ୟାନେଜମେଣ୍ଟ ୟୁନିଟ (SMMU), ଜିଲ୍ଲା ସ୍ତରରେ ଜିଲ୍ଲା ମିଶନ ମ୍ୟାନେଜମେଣ୍ଟ ୟୁନିଟ୍ (DMMU), ବ୍ଲକସ୍ତରରେ ବ୍ଲକ ମିଶନ ମ୍ୟାନେଜମେଣ୍ଟ ୟୁନିଟ (BMMU) ଏବଂ ସବ୍-ବ୍ଲକସ୍ତରରେ ପ୍ରୋଜେକ୍ଟ ସହାୟକ ଟିମ୍ (PFTs) ଭଳି ସମର୍ପିତ ସହାୟକ ଢାଞ୍ଚାଗୁଡ଼ିକ ଜରିଆରେ କାମ କରିଥାଏ । ଆଉ ଏଗୁଡ଼ିକ ସାମାଜିକ ସମାବେଶକୁ ତ୍ୱରାନ୍ୱିତ କରିବା, ସଂସ୍ଥାନ, ଦକ୍ଷତା ଏବଂ କୌଶଳ ନିର୍ମାଣ, ଆର୍ଥିକ ସମାବେଶର ସୁବିଧା ପ୍ରଦାନ ତଥା ଆର୍ଥିକ ସେବା ହାସଲ, ଜୀବନଜୀବିକା ଓ ସମାବେଶକୁ ସମର୍ଥନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅଂଶଗ୍ରହଣକାରୀଙ୍କ ସହ ଭାଗିଦାରୀକୁ ବି ସମର୍ଥନ କରିଥାଏ । ନିକଟରେ ୨୦୧୩ ମସିହା ମେ ୬ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ସୋସାଇଟି ପଂଜୀକରଣ ଆଇନ୍ ଅଧୀନରେ ଜାତୀୟସ୍ତରରେ ଜାତୀୟ ଗ୍ରାମୀଣ ଜୀବନଜୀବିକା ପ୍ରୋତ୍ସାହନ ସୋସାଇଟି (NRLPS) ପ୍ରତିଷ୍ଠା କରିବା ଲାଗି ନିଷ୍ପତି ନେଇଥିଲା । NRLPS ଏକ ସ୍ୱୟଂଶାସିତ ସଂସ୍ଥା ଯେଉଁଥିରେ ଯଥେଷ୍ଟ ସଂଖ୍ୟକ କର୍ମଚାରୀ ଥିବେ, ଆଉ ଏହା ପେଶାଦାର ଢଙ୍ଗରେ ପରିଚାଳିତ ହେବା ସହ ସଶକ୍ତୀକରଣ ଏଜେନ୍ସୀ ଭାବେ କାମ କରିବ । ସର୍ବୋପରି ଏହା ଏକ ବୈଷୟିକ ସହାୟକ ୟୁନିଟ୍ ଭାବେ କାମ କରିବ ।

### ସ୍ୱତନ୍ତ୍ର ପ୍ରକଳ୍ପ, ଉପାଂଶ ଏବଂ ଉଦ୍ୟମ :

ଦକ୍ଷତା ବିକାଶ ପାଇଁ ୨୦୦୪-୦୫ରେ SGSY ଅଧୀନରେ ନିଯୁକ୍ତି ସହ ସଂପର୍କିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଆଉ ଗ୍ରାମୀଣ ବିପିଏଲଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି NRLM ଯୋଜନାରେ ବ୍ୟାଙ୍କିଂ ସେକ୍ଟର ତତ୍ତ୍ୱାବଧାନରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥାନ କାର୍ଯ୍ୟକ୍ରମ ଜାରି ରହିଥିଲା । ଜମ୍ମୁ-କାଶ୍ମୀର ପାଇଁ 'ହିମାୟତ' ନାମକ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଆରମ୍ଭ ହୋଇଥିଲା । ୨୪ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲାର ଗ୍ରାମୀଣ ଯୁବକଙ୍କୁ ନିଯୁକ୍ତି ସମ୍ପର୍କିତ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ନିକଟରେ 'ରୋଶନୀ' ନାଁରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

କୃଷି ଏବଂ ଅଣ ଜଙ୍ଗଲଜାତ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ କାମ କରୁଥିବା ମହିଳାଙ୍କୁ ସଶକ୍ତୀକରଣ କରିବା ଲାଗି ୨୦୧୧ରେ NRLM ଅଧୀନରେ ମହିଳା କିଷାନ ସଶକ୍ତୀକରଣ ପରିଯୋଜନା (MKSP) ଆରମ୍ଭ କରାଯାଇଥିଲା । ୨୦୧୨ ଡିସେମ୍ବରରେ ମନ୍ତ୍ରଣାଳୟ ଦେଇଥିବା ରିପୋର୍ଟ ଅନୁସାରେ ୨୦୧୨-୧୩ରେ MKSP ଅଧୀନରେ ୧୨ଟି ରାଜ୍ୟରେ ୫୭୪କ.୨୮ କୋଟି ଟଙ୍କାର ୩୭ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି ।

ଗରିବ ଲୋକଙ୍କ ସହ କାମ କରିବାକୁ ଆଗ୍ରହୀ ଥିବା ଏବଂ ଭବିଷ୍ୟତରେ ବିକାଶମୂଳକ କାର୍ଯ୍ୟର ନେତୃତ୍ୱ ନେବାର କ୍ଷମତା ରଖିଥିବା ଯୁବ ପେଶାଦାର (YP)ଙ୍କ ଏକ ଗୋଷ୍ଠୀ ଗଠନ କରିବା ଲାଗି NRLM ଅଧୀନରେ ଯୁବ ପେଶାଦାର ଭଳି ଏକ ଅଭିନବ ଯୋଜନା ପ୍ରସ୍ତୁତ କରାଯାଇଛି ।

### ଆର୍ଥିକ ସହାୟତା ଏବଂ ଅନୁଦାନ :

NRLM ଅଧୀନରେ ଅନୁଦାନ ଅର୍ଥ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୭୫:୨୫ ଅନୁପାତରେ ଭାଗ ହୋଇଥାଏ । (ସିକିମ୍ ସମେତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ୯୦:୧୦ ଅନୁପାତ ଥିବା ବେଳେ କେନ୍ଦ୍ର ଶାସିତ ଅଞ୍ଚଳ କ୍ଷେତ୍ରରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଅର୍ଥ ବହନ କରିଥାନ୍ତି । ରାଜ୍ୟଗୁଡ଼ିକ ପାଇଁ ନିର୍ଦ୍ଧାରିତ କେନ୍ଦ୍ରୀୟ ଅନୁଦାନକୁ ବିଭିନ୍ନ ରାଜ୍ୟର ଦାରିଦ୍ର୍ୟ ସମ୍ପର୍କିତ ଘଟଣା ଆଧାରରେ ବଣ୍ଟାଯାଇଥାଏ ।

NRLM ଅଧୀନରେ ପ୍ରତି ସ୍ୱୟଂସହାୟକ ଗୋଷ୍ଠୀ (ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ପୂର୍ବରୁ କୌଣସି ରିଭଲଭିଂ ଫଣ୍ଡ ପାଇ ନ ଥିବେ)ଙ୍କୁ କର୍ପସ୍ ଫଣ୍ଡ ଆକାରରେ ଅତିକମ୍‌ରେ ୧୦ ହଜାର ଏବଂ ଅତି ବେଶୀରେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରିଭଲଭିଂ ପାଣ୍ଠି ଦିଆଯାଇଥାଏ । ୨୦୧୩ ମେ ୬ ତାରିଖର କେନ୍ଦ୍ର କ୍ୟାବିନେଟ ନିଷ୍ପତି ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଉଥିବା କ୍ୟାପିଟାଲ ସବ୍‌ସିଡିକୁ ପ୍ରତ୍ୟାହାର କରି ନିଆଯାଇଥିଲା । ଏହା ବଦଳରେ ଗୋଷ୍ଠୀଗତ ନିବେଶ ସହାୟକ ପାଣ୍ଠି (CISF) ନାମକ ଏକ ନୂଆ ଅନୁଦାନ ଦିଆଯାଇଥିଲା । ଆଉ ଏହି ଅନୁଦାନକୁ ବିଭିନ୍ନ ସଂଘ ସ୍ୱଂୟ ସହାୟକ ଗୋଷ୍ଠୀକୁ ଆଗୁଆ ଋଣ ଦେବାରେ ଏବଂ ସାଧାରଣ ସାମାଜିକ-ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିପାରିବେ । ସେହିପରି କ୍ୟାବିନେଟରେ ଏହି ନିଷ୍ପତି ନିଆଯାଇଥିଲା ଯେ, ମହିଳା ଏସ୍‌ଏଚଜିକୁ ଦିଆଯାଉଥିବା ଋଣ ସବ୍‌ସିଡି ବଦଳରେ ୩ ପ୍ରତିଶତର ଋଣ ଆର୍ଥିକ ସହାୟତା ପ୍ରଦାନ କରାଯିବ, ଯଦ୍ୱାରା ମହିଳା ଏସ୍‌ଏଚ୍‌ଜି ବର୍ଷକୁ ୭ ପ୍ରତିଶତ ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ । ଅତିରିକ୍ତ ୩ ପ୍ରତିଶତର ଆର୍ଥିକ ସହାୟତା ଦ୍ୱାରା ମହିଳା ଏସଏଚଜିଙ୍କ ସୁଧ ହାର ୪ ପ୍ରତିଶତକୁ ହ୍ରାସ ପାଇବ । ଫଳରେ ସେମାନେ ଠିକ୍ ସମୟରେ ଋଣ ପୈଠ କରିପାରିବେ । ଆଉ ଏହି ପଦକ୍ଷେପ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ୮୨ ଓଇଚ ଜିଲ୍ଲାକୁ ମିଶାଇ ୧୫୦ ଜିଲ୍ଲାରେ ଧ୍ୟାନ କେନ୍ଦ୍ରୀଭୂତ କରିହେବ ।

ଅନ୍ୟ ଆର୍ଥିକ ବ୍ୟବସ୍ଥା ମଧ୍ୟରେ ରହିଛି ଅନୁଦାନର ୫ ପ୍ରତିଶତ ପ୍ରଶାସନିକ ଖର୍ଚ୍ଚ, ଦକ୍ଷତା ବିକାଶ ଓ ନିଯୁକ୍ତି, RSETIs, ଭିତ୍ତିଭୂମି ଏବଂ ମାର୍କେଟିଂ ପାଇଁ ୨୦ ପ୍ରତିଶତ ପର୍ଯ୍ୟନ୍ତ (ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଏବଂ ସିକିମ ପାଇଁ ୨୫ ପ୍ରତିଶତ) ଏବଂ ଦକ୍ଷତା ଏବଂ ନିଯୁକ୍ତି ପ୍ରକଳ୍ପ ଏବଂ ଆବିଷ୍କାର ପାଇଁ କେନ୍ଦ୍ରୀୟ ଆବଣ୍ଟନର ୨୦ ପ୍ରତିଶତ) ଅର୍ଥ ।

**ପଞ୍ଚବାର୍ଷିକ ଯୋଜନା ଅଧୀନରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀତା :**

ଫଳାଫଳର ଗୁଣବତ୍ତାକୁ ନିଶ୍ଚିତ କରିବା ଲାଗି NRLMକୁ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଆଜୀବିକା ଅଧୀନରେ କାର୍ଯ୍ୟକଳାପକୁ ସକ୍ରିୟ କାର୍ଯ୍ୟକାରୀତା କରିବା ଲାଗି ପ୍ରତି ପର୍ଯ୍ୟାୟରେ ପ୍ରତ୍ୟେକ ରାଜ୍ୟ ଦ୍ୱାରା ଜିଲ୍ଲା ଏବଂ ବ୍ଲକଗୁଡିକ ଚିହ୍ନଟ କରାଯିବ । ଚିହ୍ନଟ ବ୍ଲକଗୁଡିକରେ NRLM ପୂର୍ଣ୍ଣ ଭାବେ ଲାଗୁ କରାଯିବ ।

ଗରିବଙ୍କ ଦକ୍ଷତାକୁ ପ୍ରୋତ୍ସାହିତ କରି ଏବଂ ମହିଳାଙ୍କ ନେତୃତ୍ୱରେ ଥିବା ସଂସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ସେମାନଙ୍କ ସଂସ୍ଥାନ ଓ ସଂଘକୁ ତିଆରି ଓ ସୁଦୃଢ କରି ଗ୍ରାମାଂଚଳରେ ସ୍ଥାୟୀ ଜୀବନଜୀବିକା ଏବଂ ଉନ୍ନତ ମାନର ଜୀବନଶୈଳୀ ଯୋଗାଇବା ଘଜଖଗର ଏକ ଆଉ ଏକ ପଦକ୍ଷେପ ।

## ୧.୮ ସ୍ୱାସ୍ଥ୍ୟ ମିଶନ (NRHM)

୨୦୦୫ ମସିହା ୧୨ ଏପ୍ରିଲ ତାରିଖରେ ପ୍ରଧାନମନ୍ତ୍ରୀ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଶୁଭାରମ୍ଭ କରିଥିଲେ । ତେବେ ଏହା ୨୦୦୫-୦୬ ଆର୍ଥିକ ବର୍ଷରେ ସାରା ଦେଶରେ କାର୍ଯ୍ୟକାରୀ ହୋଇଥିଲା । ତେବେ ଯୋଜନାର ମୁଖ୍ୟ ଫୋକସରେ ଥିଲା ୧୮ ରାଜ୍ୟ । ସେଗୁଡିକ ହେଲା ୮ଟି କ୍ଷମତାଶାଳୀ ଆକସନ୍ ଗ୍ରୁପ ରାଜ୍ୟ (ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ, ଉତର ପ୍ରଦେଶ, ଉତରାଂଚଳ, ଓଡିଶା ଏବଂ ରାଜସ୍ଥାନ), ୮ ଉତର-ପୂର୍ବ ରାଜ୍ୟ (ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ୍ ଏବଂ ତ୍ରିପୁରା) ଏବଂ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ ଓ କାଶ୍ମୀର ।

**NRHME ମୁଖ୍ୟ ଉଦ୍ଦେଶ୍ୟ :**

୧. ଗରିବ ଏବଂ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସୁଲଭ, ଶସ୍ତା, ପ୍ରଭାବଶାଳୀ ଏବଂ ନିର୍ଭରଯୋଗ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ।

୨. ମାନ୍ୟତାପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଇଌଐଇ)ଙ୍କ ଏକ କ୍ୟାଡର ନିର୍ମାଣ କରି ଗ୍ରାମୀଣ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଥିବା ଦୂରତାକୁ କମାଇବା । ଆନ୍ତଃ ଏବଂ ଅନ୍ତଃ କ୍ଷେତ୍ରୀୟ ଏକକେନ୍ଦ୍ରୀଭୂମିକତାକୁ ଉନ୍ନତ ଏବଂ ସମ୍ବଳର ଉପଯୁକ୍ତ ବିନିଯୋଗ ଲାଗି ଜିଲ୍ଲାସ୍ତରରେ ଉନ୍ନତ ସ୍ୱାସ୍ଥ୍ୟ ସେବାକୁ ବିକେନ୍ଦ୍ରୀକରଣ କରିବା ।

୩. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧୀନରେ ବର୍ତମାନ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଗୋଟିଏ ସ୍ଥାନକୁ ଆଣିବା

୪. ସ୍ଥାନୀୟ ସ୍ୱାସ୍ଥ୍ୟ ପରମ୍ପରାର ପୁନରୁଦ୍ଧାର ସହ ଆୟୁଷ ଭଳି ସ୍ୱାସ୍ଥ୍ୟସେବାକୁ ସରକାରୀ ସ୍ୱାସ୍ଥ୍ୟ ପ୍ରଣାଳୀରେ ସାମିଲ କରିବା

୫. ପରିମଳ, ସ୍ୱଚ୍ଛତା, ପୁଷ୍ଟିକର ଏବଂ ସୁରକ୍ଷିତ ପାନୀୟ ଜଳ ଭଳି ସ୍ୱାସ୍ଥ୍ୟ ନିର୍ଦ୍ଧାରକଗୁଡିକ ସହ ବିଭିନ୍ନ ସ୍ୱାସ୍ଥ୍ୟ ଚିନ୍ତା ସହ ସକ୍ରିୟ ଭାବେ ଏକତ୍ରୀକରଣ

୬. ସ୍ୱାସ୍ଥ୍ୟ ସେବା ପାଇଁ ଜିଲ୍ଲାସ୍ତରୀୟ ପରିଚାଳନା କାର୍ଯ୍ୟକ୍ରମଗୁଡିକର ବିକେନ୍ଦ୍ରୀକରଣ

୭ .ଆନ୍ତଃ ରାଜ୍ୟ ଏବଂ ଆନ୍ତଃ ଜିଲ୍ଲା ମଧ୍ୟରେ ଥିବା ସମସ୍ୟାର ସମାଧାନ

୮. ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ନିଜର ସଫଳତାକୁ ବର୍ଣ୍ଣନା କରିବା ସହ ଅଗ୍ରଗତି ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ

୯. ଗରିବ ଲୋକ ବିଶେଷ କରି ମହିଳା ଏବଂ ଶିଶୁମାନେ ଯେଭଳି ଶସ୍ତା, ଦାୟିତ୍ୱବୋଧ ଏବଂ ପ୍ରଭାବଶାଳୀ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପ୍ରତି ଧ୍ୟାନ ଦେବା

## NRHMର ସଫଳତା :

୧. ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁହାରକୁ ହ୍ରାସ କରିବା

୨. ମହିଳାଙ୍କ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ, ପାଣି, ପରିମଳ ଓ ସ୍ୱଚ୍ଛତା, ଟୀକା ଏବଂ ପୋଷଣ ଭଳି ସରକାରୀ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କୁ ଯୋଗାଇବା

୩. ସ୍ଥାନୀୟ ଦେଶୀୟ ରୋଗ ସହ ସଂକ୍ରମିତ ଏବଂ ଅଣ ସଂକ୍ରମିତ ରୋଗର ପ୍ରତିଷେଧକ ଓ ନିୟନ୍ତ୍ରଣ

୪. ସମନ୍ୱିତ ବିସ୍ତୃତ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା

୫. ଜନସଂଖ୍ୟାର ସ୍ଥିରତା, ଲିଙ୍ଗଗତ ଏବଂ ଲୋକସଂଖ୍ୟାର ସନ୍ତୁଳନ

୬. ସ୍ଥାନୀୟ ସ୍ୱାସ୍ଥ୍ୟ ପରମ୍ପରା ଏବଂ ମୁଖ୍ୟ ସ୍ରୋତ ଆୟୁଷର ପୁନରୁଦ୍ଧାର

୭. ସୁସ୍ଥ ଜୀବନ ଯାପନ ଶୈଳୀକୁ ପ୍ରୋତ୍ସାହନ

### ରଣନୀତି

*କ. ଯତ୍ନ ରଣନୀତି*

୧. ସରକାରୀ ସ୍ୱାସ୍ଥ୍ୟସେବାକୁ ନିଜ ନିୟନ୍ତ୍ରଣକୁ ନେଇ ଏହାର ପରିଚାଳନା କରିବା ଲାଗି ପଂଚାୟତିରାଜ ସଂସ୍ଥାନଗୁଡିକୁ ତାଲିମ ଦେବା ଏବଂ ସେମାନଙ୍କ କ୍ଷମତାକୁ ବଢାଇବା

୨. ମହିଳା ସ୍ୱାସ୍ଥ୍ୟ କର୍ମୀ (ଆଶା କର୍ମୀ)ଙ୍କ ଜରିଆରେ ଘରୋଇ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା

୩. ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଉପକେନ୍ଦ୍ରଗୁଡିକୁ ସୁଦୃଢ କରିବା

୪. ଆନ୍ତଃ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଯୋଜନାକୁ ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବା

୫. ଜାତୀୟ, ରାଜ୍ୟ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ଉର୍ଦ୍ଧ୍ୱମୁଖୀ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଏକାଠି କରିବା

୬. ସରକାରୀ ସ୍ୱାସ୍ଥ୍ୟ ପରିଚାଳନା ଲାଗି ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ମିଶନକୁ ବୈଷୟିକ ସହାୟତା ଯୋଗାଇବା

୭. ପ୍ରମାଣ ଆଧାରିତ ଯୋଜନା, ତଦାରଖ ଏବଂ ପରିଦର୍ଶନ ପାଇଁ ତଥ୍ୟ ସଂଗ୍ରହ, ଆକଳନ ଏବଂ ସମୀକ୍ଷାକୁ ଅଧିକ ସୁଦୃଢ କରିବା

୮. ସ୍ୱାସ୍ଥ୍ୟ ପାଇଁ ମାନବ ସମ୍ବଳର ନିୟୋଜନ ଏବଂ ସେମାନଙ୍କ କ୍ୟାରିୟରର ବିକାଶ ଲାଗି ସ୍ୱଚ୍ଛ ନୀତି ଗଠନ

୯. ସୁସ୍ଥ ଜୀବନ ଯାପନ ଶୈଳୀକୁ ପ୍ରୋତ୍ସାହନ, ତମାଖୁ ଓ ମଦ ସେବନକୁ ହ୍ରାସ କରିବା ଲାଗି ସମସ୍ତ ସ୍ତରରେ ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ବଢାଇବା ।

**ଖ. ଅତିରିକ୍ତ ରଣନୀତି**

୧.ନାଗରିକମାନେ ଯେଭଳି ସୁଲଭ ମୂଲ୍ୟରେ ଉନ୍ନତ ମାନର ସେବା ପାଇପାରିବେ ସେଥିଲାଗି ଅନୌପଚାରିକ ଗ୍ରାମୀଣ ପ୍ରାକ୍ଟିସନରଙ୍କ ସହ ଘରୋଇ କ୍ଷେତ୍ର ଉପରେ କଟକଣା

୨. ସରକାରୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଫଳତା ଲାଗି ସରକାରୀ-ଘରୋଇ ଭାଗିଦାରୀକୁ ପ୍ରୋତ୍ସାହନ

୩. ଆୟୁଷକୁ ପ୍ରୋତ୍ସାହନ ଦେଇ ସ୍ଥାନୀୟ ସ୍ୱାସ୍ଥ୍ୟ ପରମ୍ପରାର ପୁନରୁଦ୍ଧାର

୪. ଗ୍ରାମୀଣ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ସହାୟତା କରିବା ଲାଗି ସ୍ୱାସ୍ଥ୍ୟ ଶିକ୍ଷାକୁ ଗୁରୁତ୍ୱ ଦେବା

୫. ଗରିବଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ପ୍ରଭାବଶାଳୀ ସାମାଜିକ ସ୍ୱାସ୍ଥ୍ୟ ବୀମାରେ ସାମିଲ କରିବା

**NRHME କାର୍ଯ୍ୟ :**

୧.ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ଉପକେନ୍ଦ୍ର ଜରିଆରେ ଏହା କାମ କରିଥାଏ ।

**ଉପକେନ୍ଦ୍ର :**

ପ୍ରତ୍ୟେକ ଉପକେନ୍ଦ୍ର ନିକଟରେ ସ୍ଥାନୀୟ କାର୍ଯ୍ୟାନୁଷ୍ଠାନ ପାଇଁ ବର୍ଷକୁ ୧୦ ହଜାର ଟଙ୍କାର ପାଣ୍ଠି ଥାଏ ଉପକେନ୍ଦ୍ରକୁ ଦରକାର ହେଉଥିବା ଔଷଧ (ଉଭୟ ଆଲୋପେଥିକ୍ ଏବଂ ଆୟୁଷ ) ଯୋଗାଣ କରିଥାଏ ।

**ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) :**

- ସାରା ଦେଶରେ ଥିବା ସମସ୍ତ PHC ଗୁଡିକୁ ୨୪ ଘଂଟିଆ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଉନ୍ନତ ସେବା ଯୋଗାଣ, ନିୟମିତ ଆବଶ୍ୟକୀୟ ଔଷଧ ଓ ଯନ୍ତ୍ରପାତି ଯୋଗାଣ ।
- ଆବଶ୍ୟକ ଉନ୍ନତ ମାନର ଔଷଧ ଏବଂ ଯନ୍ତ୍ରପାତିକୁ ନିୟମିତ ଭାବେ ଯଥେଷ୍ଟ ସଂଖ୍ୟାରେ ଯୋଗାଣ
- ଆୟୁଷ ମାନବ ସମ୍ବଳ ଜରିଆରେ ଖାଲି ଡାକ୍ତର ପଦୀବକୁ ପୂରଣ କରି ୫୦ ପ୍ରତିଶତ PHC ରେ ୨୪ ଘଂଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା
- ଷ୍ଟାଣ୍ଡାର୍ଡ ଟ୍ରିଟମେଂଟ ଗାଇଡଲାଇନ୍ ପାଳନ
- PHC ସ୍ତରରେ ଦ୍ୱିତୀୟ ଡାକ୍ତର (ଜଣେ ମହିଳା, ଜଣେ ପୁରୁଷ)ଙ୍କୁ ରଖାଯିବ
- ବର୍ତ୍ତମାନ ଚାଲିଥିବା ସଂକ୍ରମିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା
- ଅଣ ସଂକ୍ରମିତ ରୋଗର ନିୟନ୍ତ୍ରଣ ପାଇଁ ନୂଆ କାର୍ଯ୍ୟକ୍ରମ

**ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) :**

- ବର୍ତ୍ତମାନ ଥିବା ୩୨୨୨ CHC (୩୦ରୁ ୫୦ ବେଡ୍ ବିଶିଷ୍ଟ)କୁ ୨୪ ଘଣ୍ଟିଆ ପ୍ରଥମ ରେଫରାଲ ୟୁନିଟ୍ ଭାବେ କାର୍ଯ୍ୟକ୍ଷମ କରିବା । ଏଠାରେ ଆନାସ୍ଥାସିଆ ବିଶେଷଜ୍ଞ ମଧ୍ୟ ରହିବେ ।
- CHCର ଭିତ୍ତିଭୂମି, କର୍ମଚାରୀ, ଯନ୍ତ୍ରପାତି ତଥା ପରିଚାଳନା ପାଇଁ ନୂଆ ଇଣ୍ଡିଆନ୍ ପବ୍ଲିକ୍ ହେଲ୍ଥ ଷ୍ଟାଣ୍ଡାର୍ଡର କୋଡିଫିକେସନ୍

- ହସପିଟାଲ ପରିଚାଳନା ଲାଗି ଅଂଶୀଦାର କମିଟିକୁ ପ୍ରୋତ୍ସାହନ
- ହସପିଟାଲ ସେବା କ୍ଷେତ୍ରରେ ସେବା ଏବଂ ମୂଲ୍ୟର ମାନକୁ ଉନ୍ନତ କରିବା
- CHC/PHC ସ୍ତରରେ ସିଟିଜେନ୍ ଚାର୍ଟରର ବିକାଶ, ପ୍ରଦର୍ଶନ ଏବଂ ନିୟମ ପାଳନ କରିବା

୨. ଲୋକଙ୍କ ଘର ନିକଟରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ମୋବାଇଲ୍ ମେଡିକାଲ ୟୁନିଟ୍ (MMU) ବ୍ୟବସ୍ଥା ଆରମ୍ଭ

ଏଭଳି ଦୁଇ ପ୍ରକାରର ୟୁନିଟ୍ ରହିଛି ସେଗୁଡ଼ିକ ହେଲା -

- ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ, ଜାମ୍ମୁ-କାଶ୍ମୀର ଏବଂ ହିମାଚଳ ପ୍ରଦେଶର ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଯୋଗୁଁ ସେଠାରେ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଡାଇଗ୍ନୋଷ୍ଟିକ୍ ସୁବିଧା ବ୍ୟବସ୍ଥା
- ଡାଇଗ୍ନୋଷ୍ଟିକ ସହ X-RAYS, ECG ଏବଂ ଅଲଟ୍ରାସାଉଣ୍ଡ ସେବା

**ବର୍ତ୍ତମାନର ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ**

୧. ଜନନୀ ସୁରକ୍ଷା କାର୍ଯ୍ୟକ୍ରମ (JSY)- ୨୦୦୫ ମସିହା ଏପ୍ରିଲ ୧୨ ତାରିଖରେ ଏହାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଭିନ୍ନ ସ୍ୱାସ୍ଥ୍ୟ ସଂସ୍ଥାନ ଜରିଆରେ ପ୍ରସବ କରାଇ ମାତୃ ମୃତ୍ୟୁ ହାର, ଶିଶୁ ମୃତ୍ୟୁ ହାରକୁ ହ୍ରାସ କରିବା ।

୨. ବନ୍ଦେ ମାତରମ୍ ଯୋଜନା- ୨୦୦୪ ମସିହା ଫେବୃୟାରୀ ୯ ତାରିଖରେ ଏହାକୁ ଆରମ୍ଭ କରାଯାଇଥିଲା। ଓବେଷ୍ଟ୍ରିକ୍ ଆଣ୍ଡ ଗାଇନିକୋଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆ (FOGSI) ସହ ମିଶି ସରକାରୀ ଘରୋଇ ଭାଗିଦାରୀରେ କରାଯାଇଥିବା ଏକ ବୃହତ ପଦକ୍ଷେପ । ଗର୍ଭବତୀ ଏବଂ ଶିଶୁ ପ୍ରସବ ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟର ଉନ୍ନତି ଏବଂ ମାତୃ ମୃତ୍ୟୁ ହାରକୁ କମାଇବା ଏହାର ଉଦ୍ଦେଶ୍ୟ ।

୩. ରୋଗୀ କଲ୍ୟାଣ ସମିତି- PHC, CHC ଏବଂ ଜିଲ୍ଲା ହସପିଟାଲରେ ଗରିବ ଲୋକଙ୍କୁ ନଗଦବିହୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏହାର ମୁଖ୍ୟ ଲକ୍ଷ୍ୟ ।

୪. ରାଷ୍ଟ୍ରୀୟ ଆରୋଗ୍ୟ ନିଧି-ଏହା ଜରିଆରେ ମାରାତ୍ମକ ରୋଗରେ ପୀଡ଼ିତ ବିପିଏଲ ରୋଗୀଙ୍କୁ ସରକାରୀ ହସପିଟାଲରେ ଚିକିତ୍ସା କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ ।

୫. ନବଜାତ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ-ଏହା ନବଜାତଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଶିଶୁ ମୃତ୍ୟୁହାରକୁ ମଧ କମାଇଥାଏ।

୬. ପୃଷ୍ଟିକର ଥଇଥାନ କେନ୍ଦ୍ର-ଏଠାରେ ଅପପୁଷ୍ଟିର ଚିକିତ୍ସା କରାଯାଇଥାଏ ।

୭. ସ୍କୁଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (SHP) - ଏହା ଜରିଆରେ ସ୍ୱାସ୍ଥ୍ୟର ଯାଞ୍ଚ, ଛୋଟ ରୋଗର ଚିକିତ୍ସା କରାଯାଇଥାଏ । ଏହା ଜରିଆରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପ୍ରତିଷେଧକ ଟୀକା ଦିଆଯାଇଥାଏ ।

୮. ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ-ଏହା ଶିଶୁଙ୍କୁ ମାରାତ୍ମକ ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ । ଏଥିପାଇଁ ବର୍ତ୍ତମାନ ୭ଟି ପ୍ରତିଷେଧକ ଟୀକା ଦିଆଯାଉଛି ।

ସେଗୁଡ଼ିକ ହେଲା

- ଡିଫଥେରିଆ
- ପର୍ଟ୍ୟୁସିସ୍
- ଟିଟାନସ୍

- ପୋଲିଓ
- ମିଜିଲ୍ସ
- ଟି.ବି.
- ହେପାଟାଇଟିସ୍ ବି

## ୧.୯ ସ୍ୱୟଂ ସହାୟକ ଗୋଷ୍ଠୀ (SHG)

ଭାରତ ଭଳି ଦେଶରେ ଜନସଂଖ୍ୟା ୧୨୫ କୋଟି ଟପିସାରିଥିବା ବେଳେ ଗ୍ରାମାଞ୍ଚଳରେ ରହୁଥିବା ଏହାର ଅଧା ବାସିନ୍ଦା ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ବିତାଉଛନ୍ତି । ଏଭଳି ସ୍ଥଳେ ସ୍ୱୟଂ ସହାୟକ ଗୋଷ୍ଠୀ (SHG)ର ଚିନ୍ତାଧାରା ଦେଶର ଗ୍ରାମାଞ୍ଚଳର ଦାରିଦ୍ର୍ୟକୁ ଦୂର କରିବାର ଏକ ବିକଳ୍ପ ଓ ଅଭିନବ ଉପାୟ ଭାବେ ଉଭା ହୋଇଥିଲା । SHG – ବ୍ୟାଙ୍କ ଲିଙ୍କେଜ କାର୍ଯ୍ୟକ୍ରମ ଯାହା ପରେ ଇଣ୍ଡିଆନ୍ ମାଇକ୍ରୋ ଫାଇନାନ୍ସ ମଡେଲ ଭାବେ ପରିଚିତ ହେଲା ତାହା ୧୯୯୨ ମସିହା ଫେବୃୟାରୀ ମାସରେ ଆରମ୍ଭ କରାଯାଇଥିଲା । ନ୍ୟାସନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର୍ ଆଣ୍ଡ ରୁରାଲ ଡେଭଲପମେଣ୍ଟ (ନାବାର୍ଡ) ଏବ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏକ ଗାଇଡଲାଇନ୍ ଅନୁମୋଦନ କରିବା ପରେ ଏହା ଆରମ୍ଭ ହୋଇଥିଲା ।

ଗ୍ରାମାଞ୍ଚଳରେ ଏକ ପରିବର୍ତ୍ତନ ଆଣିବା ଏବଂ ଏଠାରେ ରହୁଥିବା ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କ ଜୀବନଯାପନ ଶୈଳୀକୁ ଉନ୍ନତ କରିବାରେ ପ୍ରମୁଖ ମାଧ୍ୟମ ପାଲଟିଥିଲା ସ୍ୱୟଂ ସହାୟକ ଗୋଷ୍ଠୀ (SHG) । ତେବେ କୌଣସି ସମସ୍ୟାର ସମାଧାନ ଏକାକୀ ବା କୌଣସି ଗୋଟିଏ ଏଜେନ୍ସି ଦ୍ୱାରା କରିହେବ ନାହିଁ ବୋଲି ଅନୁଭବ କରିବା ପରେ ଛୋଟ ଛୋଟ ସ୍ୱେଚ୍ଛାସେବୀ ଗୋଷ୍ଠୀଙ୍କୁ ଏକାଠି କରି ସେମାନଙ୍କ ସମ୍ବଳ, ଦକ୍ଷତା ଓ ପ୍ରତିଭାକୁ ଆଧାର କରି ସେମାନଙ୍କ ଜୀବନଶୈଳୀକୁ ଉନ୍ନତ କରିବା ଦିଗରେ ଚିନ୍ତା କରାଗଲା ।

SHG ଗୁଡିକ ହେଉଛି ଛୋଟ ଛୋଟ ଗୋଷ୍ଠୀ ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ସାମୁହିକ ଭାବେ କାର୍ଯ୍ୟ କରିବା ।। ମାଇକ୍ରୋ-ଫାଇନାନ୍ସ ଆଧାରରେ ଅର୍ଥ ପ୍ରଦାନକାରୀ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ଏଜେନ୍ସି ଦ୍ୱାରା ତିଆରି ହୋଇଥାଏ SHG । SHGରେ ଥିବା ସଦସ୍ୟମାନେ ନିଜର ସଞ୍ଚୟକୁ ଏକାଠି ରଖନ୍ତି ଏବଂ କ୍ରମାନ୍ୱୟନରେ ନିଜ ମଧ୍ୟରେ ଋଣ ନେଇଥାନ୍ତି । ସ୍ୱୟଂ ସହାୟକ ଏବଂ ପାରସ୍ପରିକ ସହଯୋଗ ଜରିଆରେ ନିଜର ସମସ୍ୟା ସମାଧାନ କରିବା ଉଦ୍ଦେଶ୍ୟରେ ଏକାଠି ହୋଇଥାଏ ଯେଉଁମାନେ ସେମାନଙ୍କ ସଂଚୟ ଅର୍ଥକୁ ଏକ ବ୍ୟାଙ୍କରେ ଜମା କରାଯାଏ । (SHG) ନାଁରେ ଖୋଲାଯାଇଥାଏ ବ୍ୟାଙ୍କ ଆକାଉଣ୍ଟ । ସାଧାରଣତଃ ଗୋଟିଏ SHGରେ ୧୫ରୁ ୨୦ ଜଣ ସଦସ୍ୟ ରହିଥାନ୍ତି । ନାବାର୍ଡ ଅନୁସାରେ ୯୦ ପ୍ରତିଶତରୁ ଅଧିକ SHGରେ କେବଳ ମହିଳାଙ୍କୁ ନେଇ ଗଠନ ହୋଇଛି ।

SHGର ମୌଳିକ ନୀତି ହେଉଛି ଗୋଷ୍ଠୀଗତ ଆଭିମୁଖ୍ୟ, ପାରସ୍ପରିକ ବିଶ୍ୱାସ, କ୍ଷୁଦ୍ର ଏବଂ ପରିଚାଳନା ଗୋଷ୍ଠୀର ସଂଗଠନ, ଗୋଷ୍ଠୀଗତ ସଂଯୋଜକ, ମିତବ୍ୟୟୀ ମନୋଭାବ, ଚାହିଦା ଅନୁସାରେ ଋଣ ଏବଂ ମହିଳା ଅନୁକୁଳ ଋଣ, ଋଣ ପରିଶୋଧରେ ସମୂହ ଗୋଷ୍ଠୀଙ୍କ ଚାପ, କୌଶଳ ପ୍ରଶିକ୍ଷଣ ଏବଂ ଦକ୍ଷତା ନିର୍ମାଣ ଏବଂ ରୋଜଗାର ।

(SHG) ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ନୀତି ରହିଛି । ସେଗୁଡ଼ିକ ହେଲା-

- ପ୍ରଥମେ ସଞ୍ଚୟ, ବିନା ସଞ୍ଚୟରେ ଧାର ଦିଆଯିବ ନାହିଁ
- ଆଂଶିକ ପାର୍କ୍ଷିକ ସଂଚୟ
- ନିଜ ସଦସ୍ୟଙ୍କୁ ଋଣ ଦେବା ଲାଗି ବ୍ୟାଙ୍କଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଦେଇଥାଏ
- ସଦସ୍ୟଙ୍କୁ ଦିଆଯାଉଥିବା ଋଣ ପ୍ରଦାନ ପାଇଁ ସୁଧ ନିଷ୍ପତି ନେବ ଗ୍ରୁପ୍
- ଗ୍ରୁପର ସଦସ୍ୟଙ୍କୁ ଦିଆଯାଉଥିବା ଋଣ ପାଇଁ ସୁଧ ହାର ଏବଂ ଅନ୍ୟ ସର୍ତ୍ତ ନିଷ୍ପତି ସମ୍ପର୍କରେ ନିଷ୍ପତି ନେଇଥାଏ ଗ୍ରୁପ
- ଠିକ୍ ସମୟରେ ଋଣ ପୈଠ ସହ ସମୟ ବଢ଼ି ଥାଏ ଏବଂ
- ଛୋଟ ଋଣରୁ ଆରମ୍ଭ କରାଯାଇଥାଏ
- ଗୋଷ୍ଠୀର ଋଣମୂଲ୍ୟ ଉପରେ ସଂଚୟ ଓ ଋଣ ମଧ୍ୟରେ ଅନୁପାତ ରହିଥାଏ

SHG ଗଠନ ହେବାର ୬ ମାସ ପରେ ଏବଂ ପ୍ରଥମେ ଗ୍ରେଡିଂର ଯୋଗ୍ୟତା ଅର୍ଜନ ପରେ ଏହାକୁ ଜିଲ୍ଲା ଗ୍ରାମୀଣ ଉନ୍ନୟନ ଏଜେନ୍ସି ପକ୍ଷରୁ ୨୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିଭଲଭିଂ ଫଣ୍ଡ୍ ବା ଖର୍ଚ୍ଚ ପାଣ୍ଠି ଏବଂ ବ୍ୟାଙ୍କ ତରଫରୁ ୧୫ ହଜାର ଟଙ୍କା ଦିଆଯାଇଥାଏ । ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ରିଭଲଭିଂ ପଣ୍ଡ ପାଇବାର ୬ ମାସ ମଧ୍ୟରେ ଦ୍ୱିତୀୟ ଗ୍ରେଡିଂ ହୋଇଥାଏ । ଏହି ରିଭଲଭିଂ ପଣ୍ଡରୁ ସଂଘ ସଦସ୍ୟ ନିଜର ସ୍ୱାସ୍ଥ୍ୟ ତଥା ଶିକ୍ଷା ଖର୍ଚ୍ଚ କିମ୍ବା ବାହାଘର ବା ଅନ୍ୟାନ୍ୟ ପାରିବାରିକ ଆବଶ୍ୟକତା ପାଇଁ ଅର୍ଥ ନେଇଥାନ୍ତି । ବେଳେବେଳେ ଜଣେ ସଦସ୍ୟ ନିଜ ସ୍ୱାମୀଙ୍କ ବ୍ୟବସାୟରେ ସହଯୋଗ ପାଇଁ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ଦ୍ୱାରସ୍ଥ ହୋଇଥାଏ ।

SHG ନିଜ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ନେତା ଭାବେ ବାଛିବେ । ତାଙ୍କୁ ଏନିମେଟର୍ ବୋଲି କୁହାଯାଇଥାଏ । ପ୍ରତିମାସରେ SHG ର ଦୁଇରୁ ୩ଟି ବୈଠକ କରିଥାନ୍ତି ଏହି ଏନିମେଟର । SHG ନିଜର ପରିଚାଳନା ସ୍ଥିତିକୁ ସୁଦୃଢ଼ କରିବା ପରେ ଏହା ନିଜ ସଦସ୍ୟଙ୍କୁ ଋଣ ଦେଇଥାଏ ।

SHG ନିଜର ସଦସ୍ୟଙ୍କୁ ବ୍ୟାଙ୍କିଂ ସେବା ଯୋଗାଇ ଦେବାର କ୍ଷମତା ରଖିଥାନ୍ତି । ତେବେ ଏହା ଅତି ଆଧୁନିକ ହୋଇ ନ ଥିବ କିନ୍ତୁ ସୁଲଭ, ସରଳ, ନମନୀୟ ଏବଂ ସର୍ବୋପରି ସମସ୍ତ ସଦସ୍ୟ ଏହାର ସୁବିଧା ନେଇପାରୁଥିବେ । ହେଲେ ଋଣ ପୈଠରେ ଏହା ବାକି ନ ଥିବ ।

SHGଗୁଡ଼ିକ କିଛି ସମସ୍ୟାକୁ ସାମ୍ନା କରିଥାନ୍ତି । ତେଣୁ ସେମାନଙ୍କ ଆତ୍ମସ୍ୱାର୍ଥ ଏବଂ ଆତ୍ମ ପ୍ରେରଣାକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ନିଆଯିବା ଦରକାର । ସମୟ ସମୟରେ ନେତା ପରିବର୍ତ୍ତନ କରିବା ଜରୁରୀ । ନିଜର ଆୟ ବୃଦ୍ଧି ଲାଗି ମହିଳାମାନେ ବ୍ୟାବସାୟିକ ଗତିବିଧି ସମ୍ପର୍କରେ ଚିନ୍ତା କରିବା ଦରକାର । ଅର୍ଥନୈତିକ କାର୍ଯ୍ୟକଳାପର ମାନକୁ ଉନ୍ନତ କରାଯିବା ଉଚିତ ।

# ୧.୧୦ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (PMGSY)

ଭାରତରେ ଗ୍ରାମୀଣ ବିକାଶ ଲାଗି ଗ୍ରାମାଂଚଳ ସଡକ ଯୋଗାଯୋଗ କେବଳ ଯେ ଏକ ପ୍ରମୁଖ ଅଙ୍ଗ ନୁହେଁ ଏହା ଏକ ପ୍ରଭାବଶାଳୀ ଦାରିଦ୍ର୍ୟ ନିର୍ମୂଳ କାର୍ଯ୍ୟକ୍ରମ ଭାବେ ପରିଚିତ । ବର୍ଷ ବର୍ଷ ଧରି ଉଭୟ କେନ୍ଦ୍ର ଓ ରାଜ୍ୟସ୍ତରରେ ବହୁ କାର୍ଯ୍ୟକ୍ରମ ସତ୍ୱେ ସ୍ୱାଧୀନତାର ୫ ଦଶନ୍ଧି ପରେ ବି ଭାରତର ୪୦ ପ୍ରତିଶତ ଗାଁକୁ ଉପଯୁକ୍ତ ରାସ୍ତା ନାହିଁ ।

ଗାଁର ଅର୍ଥନୈତିକ ଅଭିବୃଦ୍ଧି ଓ ଦାରିଦ୍ର୍ୟ ନିର୍ମୂଳରେ ଗ୍ରାମୀଣ ସଡକର ପ୍ରମୁଖ ଭୂମିକା ରହିଥାଏ । ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳକୁ ସଡକ ଯୋଗାଇବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ । ଆଉ ୯୯୯ ମସିହା ଅକ୍ଟୋବର ୨୫ ତାରିଖରେ ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଭାଷଣରେ ଏହାକୁ ସାମିଲ କରାଯାଇଥିଲା । ଏହି ଭାଷଣରେ ହିଁ ଗ୍ରାମାଂଚଳରେ ଅଲ୍ ୱେଦର୍ ରୋଡ୍ ବା ସବୁ ଋତୁରେ ଯାଇହେଉଥିବା ରାସ୍ତା ନିର୍ମାଣ ପାଇଁ ଏକ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା ହୋଇଥିଲା ।

୨୦୦୦-୦୧ରେ ନିଜର ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ଘୋଷଣା କରିଥିବା ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା (PMGY)ର ଏକ ଅଙ୍ଗ ରୂପେ ଗ୍ରାମୀଣ ସଡକ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା । ୨୦୦୦ ମସିହା ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଦେଶ ଉଦ୍ଦେଶ୍ୟରେ ଦେଇଥିବା ଅଭିଭାଷଣରେ ଉଲ୍ଲେଖ କରିଥିଲେ -

"ସ୍ୱାଧୀନତା ପରଠାରୁ ପ୍ରଥମ ଥର ପାଇଁ ଗ୍ରାମୀଣ ସଡ଼କ ଲାଗି କେନ୍ଦ୍ର ସରକାର ସୁଚିନ୍ତିତ ଏବଂ ସମୟବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଶତ ପ୍ରତିଶତ ଆର୍ଥିକ ସହାୟତାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା ବୋଲି କୁହାଯିବ । ଏହାର ମୁଖ୍ୟ ଲକ୍ଷ୍ୟ ଆସନ୍ତା ୩ ବର୍ଷ ମଧ୍ୟରେ ଏକ ହଜାରରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁ ଗୁଡ଼ିକୁ ଅଲ୍ ୱେଦର୍ ରୋଡ୍ ଜରିଆରେ ସଂଯୋଗ କରାଯିବ । ସେହିପରି ୨୦୦୭ ସୁଦ୍ଧା ୫୦୦ରୁ ଅଧିକ ଲୋକ ଥିବା ଗାଁ ଗୁଡ଼ିକୁ ମଧ୍ୟ ସଂଯୋଗ କରାଯିବ ।"

୨୦୦୦ ମସିହା ଡିସେମ୍ବର ୨୫ ତାରିଖରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY)କୁ ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ । ତେବେ ତା ପୂର୍ବରୁ ୨୦୦୦ ମସିହା ଡିସେମ୍ବର ୧୫ ତାରିଖରେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କାର୍ଯ୍ୟକ୍ରମର ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୂଆ ସଡ଼କ ନିର୍ମାଣ । ପରବର୍ତ୍ତୀ ୭ ବର୍ଷ ମଧ୍ୟରେ ଏକ ଲକ୍ଷ ଗାଁକୁ ଭଲ ସଡ଼କ ନିର୍ମାଣ ଜରିଆରେ ଯୋଡ଼ିବା ଲାଗି ପ୍ରସ୍ତାବ ଦିଆଯାଇଥିଲା । ଏହାବାଦ୍ ରହିଥିବା ପାଖାପାଖି ୫ ଲକ୍ଷ କିଲୋମିଟର ରାସ୍ତାକୁ ମରାମତି କରି ସୁଦୃଢ଼ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ତେବେ ଏସବୁ ଗାଁକୁ ଅଲ୍ ୱେଦର୍ ରୋଡ୍ ଜରିଆରେ ଯୋଡ଼ିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY)ର ମୁଖ୍ୟ ତତ୍ତ୍ୱ ହେଲା

- ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା-ବ୍ଲକସ୍ତରୀୟ ଯୋଜନା ଆଧାରରେ ଜିଲ୍ଲା ଗ୍ରାମୀଣ ସଡ଼କ ଯୋଜନା ପ୍ରସ୍ତୁତ କରିବା

- ପେଶାଦାର ଭାବେ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବା ଲାଗି ପ୍ରକଳ୍ପ କାର୍ଯ୍ୟକାରୀ ୟୁନିଟର ପ୍ରତିଷ୍ଠା
- ପ୍ରକଳ୍ପ ମୋଡ଼ରେ କାର୍ଯ୍ୟକାରୀ କରିବା
- ଯଥେଷ୍ଟ କ୍ରସ୍-ଡ୍ରେନେଜ୍ କାର୍ଯ୍ୟ ସମେତ ନିର୍ଦ୍ଦିଷ୍ଟ ମାନ ଯେଭଳି ରହିବ ତାହା ଉପରେ ଗୁରୁତ୍ୱ ଦିଆଯିବ
- ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟକାରୀ କରିବା-ଅର୍ଥାତ୍ ୯ରୁ ୧୨ ମାସରେ ସମାପ୍ତ କରାଯିବ । ଏହି ସମୟସୀମା ପାର ହେଲେ ଜରିମାନା ଲାଗୁ ହେବ । ସମୟ ସୀମା ବୃଦ୍ଧି ପାଇଁ ଅନୁମତି ଦିଆଯିବ ନାହିଁ
- କଡ଼ାକଡ଼ି ଭାବେ ମାନ ନିୟନ୍ତ୍ରଣ ବ୍ୟବସ୍ଥା-କାମ ଅନୁଧ୍ୟାନ ଲାଗି ସ୍ୱାଧୀନ ତଦାରଖକାରୀ ରହିବେ କାର୍ଯ୍ୟକ୍ରମରେ ଆହୁରି ଉଲ୍ଲେଖ କରାଯାଇଛି
- ସଡ଼କ ନିର୍ମାଣ ପାଇଁ ଜମିର ଉପଲବ୍ଧତା
- ପଞ୍ଚାୟତିରାଜ ସଂସ୍ଥାନ ଦ୍ୱାରା ରାସ୍ତା ରକ୍ଷଣାବେକ୍ଷଣ
- ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସାମଗ୍ରୀର ବ୍ୟବହାରକୁ ପ୍ରୋତ୍ସାହନ ଦିଆଯିବ
- ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ

PMGSY ଗ୍ରାମ୍ୟ ସଡକ ଜରିଆରେ ଯୋଗାଯୋଗ ବ୍ୟବସ୍ଥା କରି ଗାଁର ଲୋକଙ୍କ ଜୀବନଯାପନ ଶୈଳୀରେ ବିଶେଷ ପ୍ରଭାବ ପକାଇଥାଏ । ଏହାଦ୍ୱାରା କନ୍ୟା ସନ୍ତାନ ଶିକ୍ଷାଲାଭ ସୁବିଧା ପାଇପାରିଥାଏ । ଏହାବ୍ୟତୀତ ଭଲ ରାସ୍ତା ଯୋଗୁ ଗ୍ରାମବାସୀମାନେ ସହଜରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇପାରିଥାନ୍ତି । ସେହିପରି ଭଲ ରାସ୍ତା ଦ୍ୱାରା ସ୍ଥାନୀୟ ବଜାରର ବିକ୍ରିରେ ବୃଦ୍ଧି ହୋଇଥାଏ । ଏଥିସହ ଗାଁ ଲୋକଙ୍କ ସାମାଜିକ ଢାଞ୍ଚା ଓ ସ୍ଥିତିରେ ଉନ୍ନତି ଆଣିବାରେ ପ୍ରମୁଖ ଭୂମିକା ନେଇଥାଏ ।

ଗାଁ ଲୋକଙ୍କ ଜୀବନ ଯାପନ ଶୈଳୀର ମାନକୁ ଉନ୍ନତି କରିବାରେ ଗାଁ ସଡ଼କ ଗୁରୁତ୍ୱପୂର୍ଣ୍ଣ ଭୂମିକ ଗ୍ରହଣ କରିଥାଏ । କାରଣ ଏହା ଅର୍ଥନୈତିକ ଓ ସାମାଜିକ ସେବାକୁ ପ୍ରୋତ୍ସାହନ ଦେବା ସହ ଗ୍ରାମୀଣ ଅର୍ଥନୀତି ଅଭିବୃଦ୍ଧି ଦିଗରେ ସହାୟକ ହୋଇଥାଏ । ସଡ଼କ ସୁବିଧା ଯୋଗୁଁ ସ୍ଥାନୀୟ ଫାର୍ମରେ ଉତ୍ପାଦିତ ଏବଂ ବାହାରୁ ଆମଦାନୀ ହେଉଥିବା ସାମଗ୍ରୀର ପରିବହନ ଖର୍ଚ୍ଚ ମଧ୍ୟ କମିଯାଇଥାଏ । ଏଥିସହ ଗ୍ରାମବାସୀଙ୍କ ଉତ୍ପାଦିତ ଫସଲରେ ବିବିଧତା ଆସିବା ସହ ଗାଁରେ ଅଣ କୃଷି ସୁଯୋଗ ସୃଷ୍ଟି କରିଥାଏ ।

## ନିଜର ଅଗ୍ରଗତିର ଯାଞ୍ଚ କରନ୍ତୁ -୧

ନୋଟ୍ - କ) ଉତ୍ତର ପାଇଁ ଦିଆଯାଇଥିବା ଖାଲି ସ୍ଥାନ ବ୍ୟବହାର କରନ୍ତୁ

ଖ) ଏହି ୟୁନିଟ୍ ଶେଷରେ ଦିଆଯାଇଥିବା ଉତ୍ତର ସହ ନିଜର ଉତ୍ତରକୁ ମେଳାଇ ଦିଅନ୍ତୁ ।

୧) TRYSEM ସହ ଥିବା ଫରୱାର୍ଡ ଓ ବ୍ୟାକ୍‌ୱାର୍ଡ ଲିଙ୍କେଜ୍‌ର କଣ ସମ୍ପର୍କ ରହିଛି ?

Ans. ____________________________________________

____________________________________________

____________________________________________

____________________________________________

୨) MGNREG ଆଇନରେ କଣ ବିଶେଷତ୍ୱ ରହିଛି ?

Ans. ____________________

____________________

____________________

____________________

____________________

୩) NRLM ର ସହାୟକ ଢାଞ୍ଚା କ'ଣ ?

Ans. ____________________

____________________

____________________

____________________

____________________

## ୧.୧୧ ଉପସଂହାର

ଗ୍ରାମାଞ୍ଚଳରେ ସମନ୍ୱିତ ବିକାଶ ଭାରତ ସରକାରଙ୍କ ପାଇଁ ଏକ ସ୍ଥାୟୀ କାର୍ଯ୍ୟ । ଗ୍ରାମାଞ୍ଚଳରେ ବଢୁଥିବା ବେକାରି ସଂଖ୍ୟାର ସମାଧାନ କରିବା ଲାଗି ଲୋକଙ୍କ ଅର୍ଥନୈତିକ ସ୍ଥିତିର ଉନ୍ନତି କରି ଗ୍ରାମାଂଚଳର ବିକାଶ ମୁଖ୍ୟ କେନ୍ଦ୍ରବିନ୍ଦୁ । ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ NREGAI ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (SGRY) ଅଧୀନରେ ଗ୍ରାମାଞ୍ଚଳରେ ମଜୁରି ଆଧାରିତ ରୋଜଗାର ଯୋଗାଇ ଦିଆଯାଇଛି । ଅନ୍ୟପକ୍ଷରେ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY) ଜରିଆରେ ଆତ୍ମନିଯୁକ୍ତି ଯୋଗାଇ ଦିଆଯାଇଥାଏ । ୨୦୧୧ ଜୁନରେ ଏହାକୁ ଜାତୀୟ ଗ୍ରାମୀଣ ଆଜୀବିକା ମିଶନ (NRLM)ରେ ପରିବର୍ତ୍ତନ କରାଯାଇଥିଲା । ପୁଣି ଥରେ ଏହାକୁ ଦୀନଦୟାଲ ଅନ୍ତୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଆଜୀବିକା ମିଶନ (DAY-NRLM)ରେ ପୁନଃନାମିତ କରାଯାଇଥିଲା । ଏହା ମଜୁରି ଆଧାରିତ ରୋଜଗାର ସହ ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ବଳ ତିଆରିକୁ ନିଶ୍ଚିତ କରିବ । ବିଭିନ୍ନ ଯୋଜନା ଜରିଆରେ ଗାଁଗୁଡ଼ିକର ମୌଳିକ ଭିତ୍ତିଭୂମିର ନିର୍ମାଣ ଏବଂ ଉନ୍ନତ କରିବା ଲାଗି ପଦକ୍ଷେପ ନିଆଯାଇଛି । ଗ୍ରାମାଞ୍ଚଳରେ ଯୋଗାଯୋଗକୁ ନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY) ଅଧୀନରେ ଗ୍ରାମୀଣ ସଡ଼କ ନିର୍ମାଣ ଓ ଉନ୍ନତ କରାଯାଇଥାଏ । ସେହିପରି ଗାଁର ଦୁର୍ବଳ ଶ୍ରେଣୀର ଲୋକଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ଇନ୍ଦିରା ଆବାସ ଯୋଜନା (IAY),

ତ୍ୱରିତ ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟକ୍ରମ (ARWSP) ଏବଂ ସମୁଦାୟ ପରିମଳ ଅଭିଯାନ (TSC)ରେ ବାସଗୃହ, ପାନୀୟ ଜଳ, ପାଇଖାନା ଆଦି ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଇଥାଏ । ଅଦରକାରୀ ଜମିରୁ ହ୍ରାସ ପାଉଥିବା ଉତ୍ପାଦନ ଓ ପ୍ରାକୃତିକ ସମ୍ପଦର କ୍ଷତିକୁ ରୋକିବା ଲାଗି ଜଳବିଭାଜିକା କାର୍ଯ୍ୟକ୍ରମ ଜରିଆରେ ଅଞ୍ଚଳର ଉନ୍ନତି କରାଯାଇଥାଏ ।

ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳ ଭାରତ ଏବଂ ସହରାଞ୍ଚଳ ଭାରତ ମଧ୍ୟରେ ବ୍ୟବଧାନ ବଢିବାରେ ଲାଗିଛି । ଆଉ ଏହି ବ୍ୟବଧାନକୁ କମାଇବା ଲାଗି କେନ୍ଦ୍ର ସରକାର ବହୁମୁଖୀ ରଣନୀତି ଗ୍ରହଣ କରିଛନ୍ତି । ଉଦାହରଣ ସ୍ୱରୂପ ଭାରତ ନିର୍ମାଣ କାର୍ଯ୍ୟକ୍ରମ, ଗ୍ରାମୀଣ ଭିତ୍ତିଭୂମିରେ ଥିବା ବ୍ୟବଧାନକୁ ରୋକିବା ସହ ଜଳସଚେନ, ସଡ଼କ ସଂଯୋଗ, ଘର, ଜଳ ଯୋଗାଣ, ବିଦ୍ୟୁତୀକରଣ ଏବଂ ଟେଲିଫୋନ୍ ସୁବିଧା ଯୋଗାଇଥାଏ । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (NREGA) ସାମାଜିକ ସୁରକ୍ଷା ନିଶ୍ଚିତ କରିବା ସହ ଗ୍ରାମାଞ୍ଚଳରେ ନିଶ୍ଚିତ ରୋଜଗାର ଯୋଗାଇଥାଏ ଏବଂ ସମାନ ସମୟରେ ଏହା ଗ୍ରାମୀଣ ଭିତ୍ତିଭୂମି ତିଆରି କରିବା କ୍ଷମତା ରଖିଥାଏ । ସର୍ବଶିକ୍ଷା ଅଭିଯାନ ଏବଂ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଗ୍ରାମାଞ୍ଚଳର ଲୋକଙ୍କୁ ମୌଳିକ ଶିକ୍ଷା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇଥାଏ । ଏହି ସମସ୍ତ ଯୋଜନାରୁ ଜଣାପଡୁଛି ସରକାର ଗ୍ରାମାଞ୍ଚଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଏବଂ ଏହା ଗ୍ରାମୀଣ ଭାରତକୁ ନୂଆ ଆଶା ଦେଉଛି ।

## ୧.୧୨ ପ୍ରମୁଖ ଶବ୍ଦ

**TRYSEM :** ୧୯୭୯ ମସିହାରେ ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (IRDP)ର ଏକ ପ୍ରମୁଖ ଅଙ୍ଗ ଭାବେ ଆରମ୍ଭ କରାଯାଇଥିଲା ଆତ୍ମନିଯୁକ୍ତି ପାଇଁ ଗ୍ରାମୀଣ ଯୁବକଙ୍କ ପ୍ରଶିକ୍ଷଣ (TRYSEM) । ଆରମ୍ଭରେ ଏହ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଥିଲା । ଏହା ୧୫ରୁ ୩୫ ବର୍ଷ ବୟସର ଉଭୟ ପୁରୁଷ ଓ ମହିଳାଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ ଥିଲା ଏବଂ ସେମାନଙ୍କୁ ଆବଶ୍ୟକ କୌଶଳ ଓ ଉଦ୍ୟୋଗୀ ଦକ୍ଷତାର ତାଲିମ ଦିଆଯାଇଥିଲା।

ଗ୍ରାମୀଣ ବେକାର ଯୁବକଙ୍କୁ ଆମେ ୪ ଭାଗରେ ବିଭକ୍ତ କରିବା । (୧) ଶିକ୍ଷିତ ଏବଂ କୁଶଳୀ, (୨) ଶିକ୍ଷିତ ଓ ଅଣକୁଶଳୀ, (୩) ଅଶିକ୍ଷିତ କିନ୍ତୁ କୁଶଳୀ ଏବଂ (୪) ଅଶିକ୍ଷିତ ଏବଂ ଅଣକୁଶଳୀ । ତେବେ ଚତୁର୍ଥ ବର୍ଗର ଯୁବକମାନେ ସମ୍ପୂର୍ଣ୍ଣ ଭାବେ ମୂଳ ଲଗୁଥିବା ବେଳେ ଅନ୍ୟ ୩ ବର୍ଗର ଯୁବକମାନଙ୍କୁ ଦକ୍ଷତା ପ୍ରଦାନ କଲେ ସେମାନେ କେବଳ ଯେ ନିଜର ଅଣୁ ଉଦ୍ୟୋଗ ଆରମ୍ଭ କରିପାରିବ ତାହା ନୁହଁ ସେମାନେ ଅନ୍ୟମାନଙ୍କ ଲାଗି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିପାରିବେ । ଆଉ ଏହାଦ୍ୱାରା ଦେଶର ଯୁବକଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେକାରି ସମସ୍ୟାର ସମାଧାନ କରାଯାଇପାରିବ । ଏହାକୁ ଦୃଷ୍ଟିରେ ରଖି ୧୯୭୯ରେ IRDP ର ଅଂଶବିଶେଷ ସ୍ୱରୂପ TRYSEM ଆରମ୍ଭ କରାଯାଇଥିଲା ।

**IAY :** ଭାରତ ସରକାର ୧୯୮୫-୮୬ ମସିହାଠାରୁ ସାରା ଦେଶରେ ଇନ୍ଦିରା ଆବାସ ଯୋକଜନା (IAY) କାର୍ଯ୍ୟକାରୀ କରୁଛନ୍ତି । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଦିନମଜୁରିଆ ଲୋକଙ୍କୁ ରହିବା ପାଇଁ ଘର ଯୋଗାଇବା ଉଦ୍ଦେଶ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଥିଲା । ୧୯୯୩-୯୪ରୁ ଏହି ଯୋଜନାରେ ଅଣ ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଗରିବ ଲୋକଙ୍କୁ ମଧ୍ୟ ସାମିଲ କରାଯାଇଥିଲା । ହେଲେ ଏଥିପାଇଁ ବିଭିନ୍ନ ସର୍ତ୍ତ ରହିଥିଲା । ସେହିପରି କାର୍ଯ୍ୟସ୍ଥଳରେ ପ୍ରାଣ ହରାଇଥିବା ସେନା ଓ ଅର୍ଦ୍ଧସାମରିକ ବାହିନୀର କର୍ମଚାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଯୋଜନାରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ମଧ୍ୟ ୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିଲା ।

**NRLM :** ଗରିବ ଲୋକଙ୍କ ଜୀବନଜୀବିକାକୁ ନେଇ ଉଦବେଗ ପ୍ରକାଶ କରି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ୨୦୧୧ ଜୁନ ୩ ତାରିଖରେ ଏକ ନୂଆ ବିସ୍ତୃତ ଓ ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିଥିଲେ । ତାହା ହେଲା ଜାତୀୟ ଗ୍ରାମୀଣ ଆଜୀବିକା ମିଶନ-ନ୍ୟାସନାଲ୍ ରୁରାଲ୍ ଲାଇଭ୍‌ଲିହୁଡ୍ ମିଶନ ବା NRLM । ଗରିବ ଲୋକଙ୍କ  ଜୀବନଜୀବିକା ଏବଂ ଜୀବନଯାପନର ମାନ ଉନ୍ନତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ଯୋଜନାର ଆଉ ଏକ ଉଦ୍ଦେଶ୍ୟ ହେଲା,ଗ୍ରାମୀଣ ଲୋକଙ୍କ ପାଇଁ ଏଭଳି ଦକ୍ଷ ଓ ପ୍ରଭାବଶାଳୀ ପ୍ଲାଟଫର୍ମ ତିଆରି କରିବା, ଯଦ୍ୱାରା ସେମାନେ ସ୍ଥାୟୀ ଜୀବିକା ଆଧାରରେ ନିଜର ପାରିବାରିକ ଆୟ ବଢାଇବା ସହ ଆର୍ଥିକ ସେବାକୁ ଉନ୍ନତ କରିପାରିବେ । NRLM ର ମିଶନ ଷ୍ଟେଟ୍‌ମେଂଟ୍ ରେ କୁହାଯାଇଛି ଯେ, ଦାରିଦ୍ର୍ୟତାକୁ ହ୍ରାସ କରିବା ପାଇଁ ଗରିବ ପରିବାର ଯେଭଳି ଲାଭଦାୟକ ଆତ୍ମନିଯୁକ୍ତି ଏବଂ କୁଶଳ ରୋଜଗାର ସୁଯୋଗ ପାଇପାରିବ ସେ ଦିଗରେ ସେମାନଙ୍କୁ ସକ୍ଷମ କରାଯିବ । ଏହାଦ୍ୱାରା ମଜବୁତ ଓ ସ୍ଥାୟୀ ତୃଣମୂଳ ସଂସ୍ଥାନ ନିର୍ମାଣ କରି ଏହା ଜରିଆରେ ଗରିବଙ୍କ ଜୀବନଜୀବିକାରେ ଆଶାନୁରୂପ ଭାବେ ଉନ୍ନତି କରାଯାଇପାରିବ । ୨୦୧୩-୧୪ ବର୍ଷର ସାଧାରଣ ବଜେଟରେ ଆଜୀବିକା ମିଶନ ପାଇଁ ୪୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ।  ତେବେ ୨୦୧୬ ମାର୍ଚ୍ଚ ମାସରେ ଏହି ଯୋଜନାକୁ ଦୀନଦୟାଲ ଅନ୍ତୋଦୟ ଯୋଜନା-ଜାତୟ ଗ୍ରାମୀଣ ଆଜିବୀକା ମିଶନ (DAY-NRLM) ନାମରେ ପୁନଃ ନାମିତ କରାଯାଇଥିଲା ।

## ୧.୧୩ ସହାୟକ ପୁସ୍ତକ


- **ଦେଶାଇ, ବସନ୍ତ (୨୦୦୯) :** Rural Development in India, Himalaya Publishing House, Mumbai.
- **ମହାଜନା, ଆର.କେ. (୧୯୯୧) :** Integrated Rural Development Programme, Concept Publising Company, New Delhi
- **ମେହତା, ଶିବ ଆର୍. (୧୯୮୪) :** Rural development Policies and Programmes, Sage Publications
- **ସିଂ କତାର (୧୯୮୬) :** Rural Development-Principles, Policies and Management, Sage Publications (India) Pvt. Ltd, New Delhi

# ଦ୍ୱିତୀୟ ଏକକ
# ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ ଏବଂ ସ୍ଥାୟୀତ୍ୱତା

## ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ଶେଷରେ ଆପଣ ଜାଣିବାକୁ ପାଇବେ,

- ଜଳଛାୟା ପରିଚାଳନା କାର୍ଯ୍ୟକ୍ରମର କଳ୍ପନା
- ଭାରତର ୩ଟି ପ୍ରମୁଖ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ
- ଜଳଛାୟା ପରିଚାଳନା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ପରିଣାମ ଓ ପରିବର୍ତ୍ତନର ବିଶ୍ଳେଷଣ

## ଢାଞ୍ଚା


୨.୧ ଭୂମିକା

୨.୨ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ

୨.୨.୧ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP)

୨.୨.୨ ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP)

୨.୨.୩ ସମନ୍ୱିତ ପତିତଜମି ବିକାଶ କାର୍ଯ୍ୟକ୍ରମ (IWDP)

୨.୩ ଜଳଛାୟା କାର୍ଯ୍ୟକ୍ରମର ପ୍ରଭାବ ଆକଳନ

୨.୪ ନିକଟରେ ହୋଇଥିବା ନୀତି ପରିବର୍ତ୍ତନ

୨.୫ ସ୍ଥିରତାର କଳ୍ପନା

୨.୬ ଉପସଂହାର

୨.୭ ପ୍ରମୁଖ ଶବ୍ଦ

୨.୮ ସହାୟକ ପୁସ୍ତକ

୨.୯ ନିଜର ଅଗ୍ରଗତିର ଯାଞ୍ଚ କରନ୍ତୁ


## ୨.୧ ଭୂମିକା

ଜଳସମ୍ପଦ ଓ ମୃତ୍ତିକା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ଆବଶ୍ୟକୀୟ ସାମଗ୍ରୀ ଓ ସେବା ଯୋଗାଇବା ଲାଗି ଜଳଛାୟା ଅଧୀନରେ ଜମି ଓ ଏବଂ ଅନ୍ୟ ସମ୍ବଳର ପରିଚାଳନା ଏବଂ ମାର୍ଗ ଦର୍ଶନର ପ୍ରକ୍ରିୟା ହେଉଛି ଜଳଛାୟା ପରିଚାଳନା । ଏହି କାର୍ଯ୍ୟକ୍ରମ ଅଧିନରେ ହେଉଥିବା ପ୍ରତ୍ୟେକ ପ୍ରକଳ୍ପ ହେଉଛି ଏକ ଅଣୁସ୍ତରୀୟ ଉଦ୍ୟମ ଯାହାର ଉଦ୍ଦେଶ୍ୟ ହେଉଛି ଉର୍ବର ଓ ଅନୁର୍ବର ଜମିର ଯତ୍ନ ଏବଂ ଭୂମିହୀନଙ୍କ ଲାଭ ଲାଗି ବିଭିନ୍ନ କାର୍ଯ୍ୟକ୍ରମ କରିବା । ଏହି କାର୍ଯ୍ୟକ୍ରମ ବହୁମୁଖୀ ସମ୍ବଳ ପରିଚାଳନାର ଏଭଳି ଏକ ରଣନୀତିକୁ ଆପଣାଇଥାଏ, ଯେଉଁଥିରେ ଜଳଛାୟା ମଧ୍ୟରେ ଥିବା ସମସ୍ତ ଅଂଶୀଦାର ସାମିଲ ହୋଇଥାନ୍ତି । ଆଉ ଏମାନେ ଗୋଷ୍ଠୀଗତ ଭାବେ, ସହାୟକ ରୂପରେ ସମ୍ବଳ ସମସ୍ୟା ଓ ଜଳଛାୟାର ସମସ୍ୟାକୁ ଚିହ୍ନଟ କରିଥାନ୍ତି । ଏଥିସହ

ପରିବେଶ, ସାମାଜିକ ଏବଂ ଅର୍ଥନୈତିକ ସ୍ଥିରତାର ସମାଧାନ ରହିଥିବା ଜଳଛାୟା ଯୋଜନାକୁ କାର୍ଯ୍ୟକାରୀ ଓ ବିକାଶ କରିଥାନ୍ତି ।

## ୨.୨ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ

ଗ୍ରାମୀଣ ଭାରତର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁଁ ଜମିଥିବା ଜଳର ଉପଯୁକ୍ତ ବ୍ୟବାହରର କଳ୍ପନା ହେଉଛି ଜଳଛାୟା ପରିଚାଳନା । ଜଳସମ୍ପଦ ଓ ମୃତ୍ତିକା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ଆବଶ୍ୟକୀୟ ସାମଗ୍ରୀ ଓ ସେବା ଯୋଗାଇବା ଲାଗି ଜଳଛାୟା ଅଧୀନରେ ଜମି ଓ ଏବଂ ଅନ୍ୟ ସମ୍ବଳର ପରିଚାଳନା ଏବଂ ମାର୍ଗଦର୍ଶନ କରିବାର ପ୍ରକ୍ରିୟା ହେଉଛି ଜଳଛାୟା ପରିଚାଳନା । ଜଳଛାୟା ପରିଚାଳନାର ଆଭିମୁଖ୍ୟ ହେଉଛି ଅଂଶଗ୍ରହଣକାରୀ,ମନୁଷ୍ୟ ଅନୁକୂଳ,ସ୍ଥାନ ବିଶିଷ୍ଟ,ପ୍ରକ୍ରିୟା ଆଧାରିତ ଏବଂ ଗ୍ରାମୀଣ ସମୁଦାୟର ଆବଶ୍ୟକତା ଏବଂ ସମସ୍ୟାକୁ ପୂରଣ କରୁଥିବାରେ ସକ୍ଷମ ହେବା ।

ନଦୀ କିମ୍ବା ହ୍ରଦକୁ ଘେରି ରହିଥିବା ଜମି, ଯେଉଁଠାରେ ସମସ୍ତ ବର୍ଷା ଜଳ ଯାହା ନଦୀ କିମ୍ବା ହ୍ରଦକୁ ପ୍ରବେଶ କରିଥାଏ ତାହାକୁ ଜଳଛାୟା କୁହାଯାଏ । ଜଳଛାୟା ପରିଚାଳନାରେ ଜମି ଓ ଜଳସମ୍ପଦର ଉପଯୁକ୍ତ ବ୍ୟବହାର ଦ୍ୱାରା ଅଧିକ ଉତ୍ପାଦନ ଉପରେ ଜୋର୍ ଦିଆଯାଇଛି । କିନ୍ତୁ ଏହାଦ୍ୱାରା ଯେଭଳି ପ୍ରାକୃତିକ ଓ ମାନବ ସମ୍ବଳ ଅତି କମ୍ ପ୍ରଭାବିତ ହେବ ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯାଇଥାଏ । ଆଉ ଏହା ଉପଯୋଗୀ ଭୂମି ଓ ଜଳ ମଧ୍ୟରେ ସମ୍ପର୍କ ଏବଂ ଉପର ମୁଣ୍ଡ ଓ ତଳମୁଣ୍ଡର ଜଳସ୍ରୋତ ମଧ୍ୟରେ ଥିବା ଲିଙ୍କେଜ୍‌କୁ ମଧ୍ୟ ମାନ୍ୟତା ଦେଇଥାଏ ।

ଯେଉଁଠାରେ ବର୍ଷା କମ୍ ବା କାଁ ଭାଁ ହୋଇଥାଏ ଏବଂ କୃଷି ଉତ୍ପାଦନକୁ ବଢ଼ାଇବା ଲାଗି କୌଣସି ବଡ଼ କିମ୍ବା କ୍ଷୁଦ୍ର ଜଳସେଚନ ପ୍ରଣାଳୀ ନ ଥାଏ ସେଠାରେ ଜଳଛାୟା ପରିଚାଳନାର ଭୂମିକା ଅତି ନଗଣ୍ୟ । ଜଳଛାୟା ପରିଚାଳନା କେଉଁଥିପାଇଁ କରାଯାଏ ତାହା ନିମ୍ନରେ ଦିଆଯାଇଛି ।

- ଜମିର ଉତ୍ପାଦନ କ୍ଷମତାକୁ ବଢ଼ାଇବା ବା ବଜାୟ ରଖିବା
- ବ୍ୟବହୃତ ଜଳ ଯେଭଳି ଅଧିକ ଉପଯୋଗ ହେବ ତାହା ନିଶ୍ଚିତ କରିବା
- ବନ୍ୟା ଓ ବନ୍ୟା କ୍ଷୟକ୍ଷତିକୁ ହ୍ରାସ କରିବା
- ଜଳ ମାନକୁ ନିଶ୍ଚିତ କରିବା

ଭୂପୃଷ୍ଠ ଜଳକୁ ପୁର୍ନକ୍ଷମ କରିବା ଲାଗି ମାଟିତଳେ ଥିବା ଜଳସ୍ତର ଯେଭଳି ପୂରଣ ହେବ ସେଥିଲାଗି ଜଳଛାୟା ପରିଚାଳନାରେ ଉଦ୍ୟମ କରାଯାଇଥାଏ ।

ପତିତ ଓ ଅନୁର୍ବର ଜମିର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ୧୯୮୫ ମସିହାରେ ନ୍ୟାସନାଲ ଓ୍ୱେଷ୍ଟଲାଣ୍ଡସ ଡେଭଲପମେଣ୍ଟ ବୋର୍ଡ ଗଠନ କରିଥିଲେ । ୧୯୯୨ ମସିହାରେ ଏହାକୁ ଗ୍ରାମୀଣ ବିକାଶ ଓ ଦାରିଦ୍ର୍ୟ ନିର୍ମୂଳ ମନ୍ତ୍ରଣାଳୟ ଅଧୀନକୁ ଅଣାଯାଇ, ଓ୍ୱେଷ୍ଟଲାଣ୍ଡସ ଡେଭଲପମେଂଟ୍ ବିଭାଗ ଗଠନ କରାଗଲା । ତେବେ ୧୯୯୯ ମସିହାରେ ଏହାକୁ ଡିପାର୍ଟମେଣ୍ଟ୍ ଅଫ୍ ଲ୍ୟାଣ୍ଡ ରିସୋର୍ସେସ୍ (DOLR)ବା ଜମି ସମ୍ପଦ ବିଭାଗ ନାଁରେ ନାମିତ କରାଗଲା । ଜମି ସମ୍ବଳର ପରିଚାଳନା ଲାଗି ଏହା ନୋଡାଲ ଏଜେନ୍ସି ଭାବେ କାମ କରିଥିଲା । ପରେ ପରେ ସମସ୍ତ ଜମି ଆଧାରିତ ବିକାଶ କାର୍ଯ୍ୟକ୍ରମ ଏବଂ ଭୂସଂସ୍କାର ଡିଭିଜନକୁ ଏହି ବିଭାଗ ଅଧୀନକୁ ଅଣାଯାଇଥିଲା ।

DPAP/DDPE ପ୍ରଭାବ ସମ୍ପର୍କରେ ଜଣାଇବା ଏବଂ ଏହାର ଉନ୍ନତି ପାଇଁ ପଦକ୍ଷେପ ନେବା ଲାଗି ୧୯୯୪ ମସିହାରେ ପ୍ରଫେସର ସି.ଏଚ୍. ହନୁମନ୍ତ ରାଓଙ୍କ ଅଧକ୍ଷତାରେ ଏକ ବୈଷୟିକ କମିଟି ଗଠନ କରାଯାଇଥିଲା । ଏହି କମିଟି ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ (MORD)ର ୩ଟି କାର୍ଯ୍ୟକ୍ରମ ପାଇଁ ପରିଚାଳନା ନିର୍ଦ୍ଦେଶାବଳୀ ଏବଂ ଖର୍ଚ୍ଚ ମାନଦଣ୍ଡ ସମ୍ପର୍କରେ ସୁପାରିଶ କରିଥଲା । ଜଳଛାୟା ବିକାଶ ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଇ ୧୯୯୫ ମସିହା ଏପ୍ରିଲ ୧ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ତାପରଠାରୁ ଜଳଛାୟା ଆଧାରରେ DPAP, DDP ଏବଂ IWDPକୁ କାର୍ଯ୍ୟକାରୀ କରାଯାଉଛି ।

୨୦୦୧ ମସିହାରେ MORD୧୯୯୫ର ଜଳଛାୟା ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀରେ ସଂଶୋଧନ କରି ଏହାକୁ ଅଧିକ ସ୍ୱଚ୍ଛ ଏବଂ ସ୍ଥାନୀୟ ଆବଶ୍ୟକତାକୁ ଖାପ ଖୁଆଇଲା ଭଳି କରିଥିଲା । ୨୦୦୧ର ସଂଶୋଧିତ ନିର୍ଦ୍ଦେଶାବଳୀରେ ପଞ୍ଚାୟତିରାଜ ସଂସ୍ଥାନ ପାଇଁ ପ୍ରମୁଖ ଭୂମିକା ରହିଥିଲା । ପୁଣି ଥରେ ୨୦୦୩ ମସିହା ଏପ୍ରିଲ ୧ ତାରିଖରେ ଏହି କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଗାଇଡଲାଇନ୍‌କୁ ପୁଣି ଥରେ ସଂଶୋଧିତ କରାଯାଇଥିଲା । ଏହାକୁ ହରିୟାଲି ଗାଇଡଲାଇନ୍ସ ଭାବେ ପୁନଃନାମିତ କରାଗଲା ।

ତିନି ପ୍ରମୁଖ ଜଳଛାୟା କାର୍ଯ୍ୟକ୍ରମ ହେଉଛି –

୧. ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP)

୨. ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP)

୩. ସମନ୍ୱିତ ପତିତଜମି ବିକାଶ କାର୍ଯ୍ୟକ୍ରମ (IWDP)

## ୨.୨.୧. ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP)

୧୯୭୩ ମସିହାରେ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP) ଆରମ୍ଭ ହୋଇଥିଲା । ଜମି, ଜଳ ଓ ପ୍ରାଣୀ ସମ୍ପଦର ଅଧିକ ବ୍ୟବହାର, ପ୍ରାକୃତିକ ସନ୍ତୁଳନର ପୁନଃଥଇଥାନ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଆୟକୁ ସ୍ଥିରତା ଆଣିବା ଏହି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି କାର୍ଯ୍ୟକ୍ରମର ପ୍ରମୁଖ ଅଙ୍ଗଗୁଡ଼ିକ ହେଉଛି–

(କ) ଜଳସମ୍ପଦର ବିକାଶ ଓ ପରିଚାଳନା, (ଖ) ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ, (ଗ) ସାମାଜିକ ଓ କୃଷି ଜଙ୍ଗଲ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବନୀକରଣ କାର୍ଯ୍ୟକ୍ରମ, (ଘ) ଗୋଚର ଜମିର ବିକାଶ ଏବଂ ମେଣ୍ଢା ପାଳନର ବିକାଶ, (ଙ) ଗୋପାଳନ ଓ ପ୍ରାଣୀଧନର ବିକାଶ, (ଚ) ଚାଷ ପଦ୍ଧତିର ପୁର୍ନଗଠନ ଏବଂ କୃଷି ସମ୍ପର୍କିତ ଅଭ୍ୟାସରେ ପରିବର୍ତ୍ତନ ଏବଂ (ଛ) ସହାୟକ ବ୍ୟବସାୟର ବିକାଶ ।

ବର୍ତ୍ତମାନ ୧୩ ରାଜ୍ୟର ୧୫୫ ଜିଲ୍ଲାର ୯୪୭ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ପ୍ରାୟ ୭୪୬ ବର୍ଗ କିଲୋମିଟର ଅଞ୍ଚଳ ଏହି ଯୋଜନା ଅଧିନରେ ରହିଛି । ଏହି ଯୋଜନ ପାଇଁ କେନ୍ଦ୍ର ଓ ରାଜ୍ୟ ପଚାଶ ପଚାଶ ଅନୁପାତର ଅର୍ଥ ଯୋଗାଇଥାନ୍ତି । ଅଷ୍ଟମ ପଞ୍ଚବାର୍ଷିକ ଯୋଜନାରେ ଏହି କାର୍ଯ୍ୟକ୍ରମ ପାଇଁ ଏକ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ଏଥିରୁ ୫୦୦ କୋଟି ଟଙ୍କା ଦେଇଥିଲେ କେନ୍ଦ୍ର ସରକାର । ୧୯୭୩-୭୪ରୁ ଯୋଜନା ଆରମ୍ଭ ହେବା ଦିନଠାରୁ ୧୯୯୫ ମସିହା ମାର୍ଚ୍ଚ ପର୍ଯ୍ୟନ୍ତ ମୋଟ ୧, ୭୪୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ଜଳଛାୟା ବିକାଶ ପାଇଁ ଉଦ୍ଦିଷ୍ଟ ନୂଆ ଗାଇଡଲାଇନ୍ ଅନୁସାରେ ୧୯୯୫-୯୬ରୁ ଜଳଛାୟା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଜଳଛାୟା ପ୍ରକଳ୍ପର ବିକାଶ ଏବଂ ଯୋଜନା ପ୍ରସ୍ତୁତରେ ସ୍ଥାନୀୟ ଲୋକଙ୍କୁ ସାମିଲ କରାଯାଇଥାଏ । ଜଳଛାୟା ପାଇଁ ମଞ୍ଜୁର ହୋଇଥିବା ୭୫ ପ୍ରତିଶତ ଅର୍ଥକୁ ଜଳଛାୟା କମିଟିକୁ ଦିଆଯାଇଥାଏ ଏବଂ କମିଟି ଏହାକୁ ଖର୍ଚ୍ଚ କରିଥାଏ ।

୪ ବର୍ଷ (୧୯୯୫-୯୬ରୁ ୧୯୯୮-୯୯)ରେ ୪ ହଜାର ୯୯୫ ଜଳଛାୟା ପ୍ରକଳ୍ପର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ୧୯୯୬-୯୭ ଓ ୧୯୯୭-୯୮ରେ DPAP ପାଇଁ ଯଥାକ୍ରମେ ୧୨୫ ଓ ୧୧୫ କୋଟି ଟଙ୍କା ଅନୁଦାନ ଦେଇଥିଲେ କେନ୍ଦ୍ର ସରକାର ।

ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟାକୁ ଗ୍ରହଣ କରି ଅଂଚଳର ଏକ ସମନ୍ୱିତ ବିକାଶ ଜରିଆରେ ମରୁଡ଼ିର ପ୍ରଭାବକୁ କମାଇବା ହେଉଛି ମରୁଡ଼ି ପ୍ରବଣ ଅଂଚଳ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହା ଜଳସେଚନ ପ୍ରକଳ୍ପ, ଜମି ବିକାଶକାର୍ଯ୍ୟକ୍ରମ, ବନୀକରଣ, ତୃଣଭୂମିର ବିକାଶ,ଗ୍ରାମୀଣ ବିଦ୍ୟୁତକରଣ ଉପରେ ଅଧିକ ଗୁରୁତ୍ୱ ଦେଇଥାଏ। ସେହିପରି ସଡ଼କ, ବଜାର, ଋଣ, ସେବା ଏବଂ ପ୍ରକ୍ରିୟା ଆଦି ସହ ସମ୍ପର୍କିତ ଅନ୍ୟ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ DPAP ।

ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟେକ ରାଜ୍ୟ ନିଜସ୍ୱ ସାଙ୍ଗଠାନିକ ରୂପରେଖ ବିକଶିତ କରିଥାନ୍ତି । ଜିଲ୍ଲା ଯୋଜନା ବୋର୍ଡ଼ ଜରିଆରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛି ମହାରାଷ୍ଟ୍ର । କର୍ଣ୍ଣାଟକ ସରକାର ଏକ ପ୍ରସ୍ତାବ ଗ୍ରହଣ କରି ଜିଲ୍ଲାଗୁଡ଼ିକ ପାଇଁ ଏକ ସଂସ୍ଥା ପ୍ରତିଷ୍ଠା କରିଛନ୍ତି । ଡିଭିଜନାଲ କମିଶନର ଏହି ସଂସ୍ଥାର ଅଧକ୍ଷ ରହିଥାନ୍ତି । ତାମିଲନାଡୁ ସରକାର ଏହି କାର୍ଯ୍ୟକ୍ରମ ଅଧୀନରେ ଦୁଇଟି ଜିଲ୍ଲାରୁ ଗୋଟିକରେ ଜିଲ୍ଲା ବିକାଶ ନିଗମ ପ୍ରତିଷ୍ଠା କରିଛନ୍ତି ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଫସଲର ଉତ୍ପାଦନ, ପ୍ରାଣୀଧନ ଏବଂ ଜମି, ଜଳ ଏବଂ ମାନବ ସମ୍ବଳର ଉତ୍ପାଦକତା ଉପରେ ମରୁଡିର ପ୍ରତିକୂଳ ପ୍ରଭାବକୁ କମାଇବା । ଯଦ୍ୱାରା ପ୍ରଭାବିତ ଅଂଚଳର ମରୁଡ଼ିକୁ ରୋକିହେବ । ଜମି ବିକାଶ, ଜଳ ସମ୍ପଦର ବିକାଶ ଏବଂ ବନୀକରଣ/ଗୋଚର ଜମିର ବିକାଶ ପ୍ରତି ଜଳଛାୟା ଆଭିମୁଖ୍ୟ ଜରିଆରେ ବିକାଶ କାମ କରାଯାଇଥାଏ ।

## ୨.୨.୨ ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP)

୧୯୭୭-୭୮ରେ ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP)ଆରମ୍ଭ ହୋଇଥିଲା । ପରେ ଏହା ୭ଟି ରାଜ୍ୟର ୩୬ଟି ଜିଲ୍ଲାର ୨୨୭ ବ୍ଲକକୁ ସମ୍ପ୍ରସାରିତ ହୋଇଥିଲା । ମୋଟ ୪ ଲକ୍ଷ ୫୭ ହଜାର ୪୩୨ ବର୍ଗ କିଲୋମିଟର ଅଞ୍ଚଳକୁ ଏଥିରେ ସାମିଲ କରାଯାଇଥିଲା । ଯେଉଁ ୭ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଜାମ୍ମୁ ଏବଂ କାଶ୍ମୀର, କର୍ଣ୍ଣାଟକ ଏବଂ ରାଜସ୍ଥାନ । DDP ଅଧିନରେ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଚିହ୍ନଟ କରି ବହୁ ଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା ।

ଏ ସବୁ ପ୍ରକଳ୍ପକୁ ୪ ବର୍ଷ ମଧ୍ୟରେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ବର୍ତ୍ତମାନ ୭ଟି ରାଜ୍ୟରେ ୧,୭୪୭ ଜଳଛାୟା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏବେ ଏହା ୧୦୦ ପ୍ରତିଶତ କେନ୍ଦ୍ର ପ୍ରାୟୋଜିତ (ଦୁର୍ଗମ ସ୍ଥାନ ହୋଇଥିଲେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୭୫:୨୫ ଅନୁପାତରେ ଟଙ୍କା ଭାଗ ହେବ)। ଜଳଛାୟା

ପ୍ରକଳ୍ପର ବିକାଶ ଏବଂ ଯୋଜନା ପାଇଁ DRDAs/ZPsଙ୍କୁ ପାଣ୍ଠି ଦିଆଯାଇଥାଏ । ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଜଳଛାୟା କମିଟି ବା ଗ୍ରାମପଞ୍ଚାୟତର ବ୍ୟାଙ୍କ ଆକାଉଣ୍ଟରେ ମୋଟ୍ ପାଣ୍ଠିର ୮୦ ପ୍ରତିଶତ ଅର୍ଥ ଜମା କରାଯାଇଥାଏ ।

ନବମ ପଞ୍ଚବାର୍ଷିକ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ପାଇଁ ୧,୪୩୦ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା । (୧୯୯୭-୯୮ରେ ୭୦ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା) । ଏହା କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ୧୯୯୪-୯୫ ପର୍ଯ୍ୟନ୍ତ କୋର କ୍ଷେତ୍ର କାର୍ଯ୍ୟକଳାପ ଭାବେ ଭୂମି ସମ୍ବଳ ବିକାଶ ଅଧୀନରେ ୧.୮୫ ଲକ୍ଷ ହେକ୍ଟର, ଜଳ ସମ୍ପଦ ବିକାଶ ଅଧୀନରେ ୦.୮୩ ଲକ୍ଷ ହେକ୍ଟର ଏବଂ ବନୀକରଣ ଓ ତୃଣମୂଳ ଜମିର ବିକାଶ ପାଇଁ ୨.୮୫ ଲକ୍ଷ ହେକ୍ଟର ଜମିର ବିକାଶ କରାଯାଇସାରିଛି ।

ମରୁଭୂମି ଅଞ୍ଚଳରେ ବଞ୍ଚି ରହିଥିବା ଜଙ୍ଗଲକୁ ନଷ୍ଟ ହେବାକୁ ରୋକିବା ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP)ର ମୁଖ୍ୟ ଲକ୍ଷ୍ୟ । ଏଥିସହିତ ସ୍ଥାନୀୟ ସମ୍ବଳର ଉତ୍ପାଦନ ବୃଦ୍ଧି କରି ସ୍ଥାନୀୟ ଅଧିବାସୀଙ୍କ ଆୟ ଏବଂ ରୋଜଗାର ସ୍ତରକୁ ବଢାଇବାରେ ମଧ୍ୟ ଏହା ସହାୟକ ହୋଇଥାଏ । ଦେଶର ଉଭୟ ଗ୍ରୀଷ୍ମ ଓ ଥଣ୍ଡା ପ୍ରବାହିତ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

ଏହି ଯୋଜନାରେ ଅଦରକାରୀ ଜମିର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଯଦ୍ୱାରା ପରିବେଶ ସନ୍ତୁଳନ ହେବା ସହିତ ବାଲି କ୍ଷୟକୁ ରୋକିବା ସହ ମୃତିକା ଓ ଜଳ ସଂରକ୍ଷଣ ହୋଇଥାଏ । ଆଶ୍ରୟ ଦେଉଥିବା ବଡ ବୃକ୍ଷ ରୋପଣ, ଜଳସେଚନ କୌଶଳ ଗ୍ରହଣ ତଥା ପ୍ରାଣୀଧନ ଅର୍ଥନୀତିକୁ ବଜାୟ ରଖିବା ଲାଗି ତୃଣମୂଳ ଜମିର ବିକାଶ ହେଉଛି ଏହି କାର୍ଯ୍ୟକ୍ରମ ଅଧିନରେ କରାଯାଉଥିବା କିଛି ରଣନୀତି । ଗୋଖାଦ୍ୟ ପାଇଁ ଜମି, ତୃଣଭୂମି ଲାଗି ଜମି ବ୍ୟବହାର କରିବାକୁ ଏଥିରେ ପ୍ରସ୍ତାବ ରହିଛି ।

ଏହି କାର୍ଯ୍ୟକ୍ରମରେ ଥିବା ବିବିଧତା ଦ୍ୱାରା ପରିବେଶ ସନ୍ତୁଳନ ମଧ୍ୟ ବଜାୟ ରହିବା ସହ ମରୁଭୂମି ଅଂଚଳର ଅର୍ଥନୀତିରେ ଉନ୍ନତି ହେଉଛି । ଲଦାଖ ଏବ ସ୍ପିତି ଭଳି ଥଣ୍ଡା ଅଞ୍ଚଳରେ ଜଳସେଚନ ଦ୍ୱାରା ଚାଷ ଏବଂ ଉନ୍ନତମାନର ଗୃହପାଳିତ ପଶୁ ପାଳନ ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଇପାରେ ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି

- ଶସ୍ୟ, ମନୁଷ୍ୟ ଏବଂ ପଶୁଙ୍କ ଉପରେ ପ୍ରତିକୂଳ ପାଗ ଏବଂ ଜଙ୍ଗଲକ୍ଷୟ ପ୍ରଭାବର ମୁକାବିଲା କରିବା
- ଜମି, ଜଳ ବନସ୍ପତି ଆବରଣ ଏବଂ ଜମି ଉତ୍ପାଦନକୁ ବଢାଇବା ଭଳି ପ୍ରାକୃତିକ ସମ୍ପଦର ବିକାଶ, ସଂରକ୍ଷଣ ଏବଂ କାମରେ ପରିବେଶ ସନ୍ତୁଳନକୁ ପୁର୍ନସ୍ଥାପନ କରିବା-ଜମି ବିକାଶ, ଜଳସମ୍ପଦର ବିକାଶ ଏବଂ ବନୀକରଣ/ତୃଣଭୂମିର ବିକାଶ ପାଇଁ ଜଳଛାୟା ଆଭିମୁଖ୍ୟ ଦ୍ୱାରା ବିକାଶ କାମର କାର୍ଯ୍ୟକାରିତା

## ୨.୨.୩. ସମନ୍ୱିତ ପତିତଜମି ବିକାଶ କାର୍ଯ୍ୟକ୍ରମ (IWDP)

୧୯୮୫-୮୬ ମସିହାରେ କେନ୍ଦ୍ର ସରକାରଙ୍କ ସହାୟତାରେ ଆରମ୍ଭ କରାଯାଇଥିଲା ସମନ୍ୱିତ ପତିତଜମି ବିକାଶ କାର୍ଯ୍ୟକ୍ରମ (IWDP) । ଭାରତରେ ଚାଷ ଅନୁପଯୋଗୀ ପତିତଜମିର ସଂରକ୍ଷଣ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଏଥିରେ ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ସଂରକ୍ଷଣ, ଲୋକଙ୍କୁ ରୋଜଗାର, ତୃଣଭୂମିର ବିକାଶ ଏବଂ ମାଟିକୁ ସୁହାଉଥିବା ଚାଷ ପଦ୍ଧତି ଯୋଗାଇବା ତଥା ମାଟି ଓ ତାର ପୋଷକ ତତ୍ତ୍ୱର ପରିଚାଳନାର ପୁନରୁଦ୍ଧାରକୁ ସାମିଲ କରାଯାଇଛି ।

ଏହା ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିଥାଏ, ଯେଉଁଥିରେ କି ଲୋକଙ୍କ ଅଂଶଗ୍ରହଣ, ମୃତ୍ତିକା ଏବଂ ପରିବେଶର ସଂରକ୍ଷଣ, ଚାଷ ଅନୁପଯୋଗୀ ଜମିକୁ ଚାଷ ଉପଯୋଗୀ କରିବା, ପତିତ ଜମିର ଯତ୍ନ ଏବଂ ଚାଷ ଅନୁପଯୋଗୀ ଜମିକୁ ତୃଣଭୂମି ଏବଂ ଜଙ୍ଗଲ ଜମିରେ ପରିବର୍ତ୍ତନ କରିବା ଅନ୍ତର୍ଭୁକ୍ତ । ମୃତ୍ତିକା ପରୀକ୍ଷା, ରସାୟନିକ ସାରର ପ୍ରୟୋଗ ଭଳି ପଦ୍ଧତି ମଧ୍ୟ ଗ୍ରହଣ କରାଯାଏ ।

ପତିତ ଜମି ହେଉଛି, ଅନାବାଦୀ ଜମି ଯାହାକୁ ବିଭିନ୍ନ ପଦକ୍ଷେପ ଦ୍ୱାରା ଚାଷ  ଉପଯୋଗୀ କରାଯାଇପାରିବ। ଉପଯୁକ୍ତ ଜଳ ଏବଂ ମୃତ୍ତିକା ସଂରକ୍ଷଣର ଅଭାବ ତଥା ପ୍ରାକୃତିକ କାରଣରୁ ପତିତ ଜମି ସୃଷ୍ଟି ହୋଇଥାଏ । ଭାରତ ସରକାରଙ୍କ ଜମି ସମ୍ପଦ ବିଭାଗ (DOLR) ଏବଂ ନ୍ୟାସନାଲ ରିମୋଟ୍ ସେନ୍ସିଂ ଏଜେନ୍ସି (NRSA) ଏକାଠି ୨୦୦୩ର IRS ତଥ୍ୟ ବ୍ୟବହାର କରି ସାରା ଭାରତରେ ଥିବା ପତିତ ଜମିର ମ୍ୟାପିଂ ବା ମାନଚିତ୍ର କରିଥିଲେ । ଏହାର ଫଳସ୍ୱରୂପ ୨୦୦୫ରେ ଭାରତର ୱେଷ୍ଟଲାଣ୍ଡ ଆଟଲାସ୍-Wastelands Atlas of India-୨୦୦୫ ପ୍ରକାଶ ପାଇଥିଲା । ସଦ୍ୟତମ ଆକଳନ ଅନୁସାରେ ଦେଶରେ ୫୫.୨୭ ମିଲିୟନ୍ ହେକ୍ଟର ପତିତି ଜମି ରହିଛି ।

**ଉଦ୍ଦେଶ୍ୟ :**

- ଜମିର ସ୍ଥିତି ଓ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଳଛାୟା ଆଧାରରେ ପତିତି ଜମିର ବିକାଶ ।
- କାର୍ଯ୍ୟକ୍ରମ ଲାଗୁ ହୋଇଥିବା ଅଞ୍ଚଳର ଗରିବ ଓ ଅନୁନ୍ନତ ଲୋକଙ୍କ ସାମଗ୍ରିକ ଅର୍ଥନୈତିକ ବିକାଶ ଏବଂ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଉନ୍ନତ କରିବା
- ଜମି, ଜଳ ଓ ବୃକ୍ଷ ଆବରଣ ଭଳି ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ବିକାଶ କରି ପରିବେଶ ସନ୍ତୁଳନର ପୁନରୁଦ୍ଧାର କରିବା
- ରୋଜଗାର ସୃଷ୍ଟି, ଦାରିଦ୍ର୍ୟ ନିର୍ମୂଳ, ଗୋଷ୍ଠୀଗତ ସଶକ୍ତୀକରଣ ଏବଂ ଗାଁର ମାନବ ସମ୍ବଳ ଏବଂ ଅନ୍ୟ ଅର୍ଥନୈତିକ ସମ୍ବଳର ବିକାଶ ।

## ୨.୩ ଜଳଛାୟା ପ୍ରକଳ୍ପର ପ୍ରଭାବ ଆକଳନ

ଭାରତରେ ଚାଲିଥିବା ବିଭିନ୍ନ ଜଳଛାୟା ବିକାଶ କାର୍ଯ୍ୟକ୍ରମର ପ୍ରଭାବ ଆକଳନ କରିବା ଲାଗି ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାସନାଲ କ୍ରପସ୍ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍ ଫର୍ ଦ ସେମିଆରିଡ୍ ଟପିକ୍ସ (ICRISAT)କୁ ଦାୟିତ୍ୱ ଦିଆଯାଇଥିଲା । ICRISAT, ଏଥିପାଇଁ Comprehensive Assesment of Watershed Programmes in India ନାଁରେ ଏକ ଅଧ୍ୟୟନ କରିଥିଲା ।

୨୦୦୮ରେ ହୋଇଥିବା ଏହି ଅଧ୍ୟୟନରେ ନିମ୍ନଲିଖିତ ବିନ୍ଦୁକୁ ଉଲ୍ଲେଖ କରାଯାଇଥିଲା-

- ଜଳଛାୟା କାର୍ଯ୍ୟକ୍ରମ ୨:୧ ଅନୁପାତରେ ଭଲ ପ୍ରଦର୍ଶନ କରିଥିଲା । ଏଥିରୁ ଜଣାପଡୁଛି ଯେ, ଜଳଛାୟା ପ୍ରକଳ୍ପରେ ନିବେଶ ଅର୍ଥନୈତିକ ଦୃଷ୍ଟିରୁ ବ୍ୟବହାର୍ଯ୍ୟ ଓ ଲାଭଦାୟକ
- ୨୭.୪ ପ୍ରତିଶତ ହାରାହାରି ଆଭ୍ୟନ୍ତରୀଣ ଦରରୁ ଜଣାପଡୁଛି ଯେ, ଜଳଛାୟା ପ୍ରକଳ୍ପ ନିଜର ପ୍ରାରମ୍ଭିକ ମୂଲ୍ୟକୁ ପୁରଣ କରିବାରେ ସକ୍ଷମ ହେବା ସହ ପର୍ଯ୍ୟାପ୍ତ ଅର୍ଥନୈତିକ ଫାଇଦା ସୃଷ୍ଟି କରିଥାଏ । ଏଥିସହ ଲକ୍ଷ୍ୟ ମଧ୍ୟରେ ଆୟର ସ୍ତର ବୃଦ୍ଧି ପାଇଥିବାରୁ ଏହା ନିବେଶକୁ ମଧ୍ୟ ପ୍ରମାଣିତ କରିଥାଏ ।

- ଗ୍ରାମୀଣ ଦାରିଦ୍ର୍ୟତା ନିର୍ମୂଳ ଏବଂ ଗ୍ରାମୀଣ ପରିବାର ମଧ୍ୟରେ ଭେଦଭାବକୁ ହ୍ରାସ କରିବା ଜଳଛାୟା କାର୍ଯ୍ୟକ୍ରମର ମୁଖ୍ୟ ସଫଳତା । କାରଣ ଜଳଛାୟା ଅଞ୍ଚଳରେ ବାର୍ଷିକ ହାରାହାରି ୧୫୪ ବ୍ୟକ୍ତି ଦିବସ ଅତିରିକ୍ତ ନିଯୁକ୍ତି ସୃଷ୍ଟି ହୋଇଥାଏ ।
- ମୃତ୍ତିକା ଏବଂ ଜଳ ସଂରକ୍ଷଣର ଉଦ୍ଦେଶ୍ୟ ମଧ୍ୟ ସାଧିତ ହୋଇଥାଏ । କାରଣ ଜଳଛାୟା କାର୍ଯ୍ୟକ୍ରମ ଅନ୍ତର୍ଗତ ୫୦୦ ହେକ୍ଟର ଜଳଛାୟାରେ ହାରାହାରି ୩୮ ମିଲିଟନ ହେକ୍ଟର ଅତିରିକ୍ତ ଜଳ ସଂରକ୍ଷଣ କ୍ଷମତା ସୃଷ୍ଟି କରାଯାଇଥାଏ । ସେହିଭଳି ଜଳସେଚିତ ଅଞ୍ଚଳର ସୀମା ୫୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ ।

## ୨.୪ ସଦ୍ୟ ନୀତିରେ ପରିବର୍ତ୍ତନ

ସରକାରଙ୍କ ଯୋଜନା କମିଶନଙ୍କ ମୁଖ୍ୟ କାର୍ଯ୍ୟପନ୍ଥା ହେଉଛି ପତିତଜମି, ଜଳଛାୟା ଏବଂ ଶୁଷ୍କ ଭୂମିର ବିକାଶ । ପାର୍ଥସାରଥି କମିଟି ରିପୋର୍ଟ, ଅନ୍ୟ କମିଟିର ଟିପ୍ପଣୀ ଏବଂ ଅତୀତ ଅଭିଜ୍ଞତାରୁ ୨୦୦୮ରେ ନ୍ୟାସନାଲ ରେନ୍‌ଫେଡ୍ ଏରିଆ ଅଥରିଟି ଜଳଛାୟା କାର୍ଯ୍ୟକ୍ରମ ଲାଗି ସବୁ ମନ୍ତ୍ରଣାଳୟ ଓ ବିଭାଗ ପାଇଁ ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିଥିଲେ । ପାର୍ଥସାରଥି କମିଟିର ଟିପ୍ପଣୀ ଏବଂ ଗାଇଡ୍‌ଲାଇନ୍‌ରେ ଥିବା ବ୍ୟବସ୍ଥା ଅନୁସାରେ DOLRe ଜଳଛାୟା କାର୍ଯ୍ୟକ୍ରମରେ ଆବଶ୍ୟକ ପରିବର୍ତନ କରାଯାଇଥିଲା । ଏହି ଅନୁସାରେ (DPAP+IWDP=Integrated and consolidated IWMP (ସମନ୍ୱିତ ଜଳ ପରିଚାଳନା କାର୍ଯ୍ୟକ୍ରମ) ଏହା ହେଉଛି ସମ୍ବଳର ପର୍ଯ୍ୟାପ୍ତ ବ୍ୟବହାର, ସ୍ଥାୟୀ ଏବଂ ଫଳାଫଳ ଆଧାରିତ ତଥା ସମନ୍ୱିତ ଯୋଜନା । ଏହି ଯୋଜନାକୁ ୨୦୦୯ ମସିହା ଫେବୃୟାରୀ ୨୬ ତାରିଖରେ ସରକାର ମଞ୍ଜୁରୀ ଦେଇଥିଲେ ।

## ୨.୫ କନସେପ୍ଟ ଅଫ୍ ସସଟେନେବିଲିଟି ବା ସ୍ଥିରତାର ଧାରଣା

କନସେପ୍ଟ ଅଫ୍ ସସଟେନେବିଲିଟି ବା ସ୍ଥିରତାର ଧାରଣା ପ୍ରକୃତରେ ଏକ ପ୍ରଣାଳୀ, ଏକ କାର୍ଯ୍ୟକ୍ରମ ବା ସମ୍ପଦର ଲକ୍ଷଣ ଉପରେ ନିର୍ଭର କରିଥାଏ । ସାଧାରଣ ଭାବେ ଦେଖିଲେ ସ୍ଥିରତା ଆତ୍ମନିର୍ଭରଶୀଳତା ଏବଂ ଦୀର୍ଘକାଳୀନ ଆତ୍ମନିର୍ଭରଶୀଳତାର ଚିନ୍ତାଧାରାକୁ ଦର୍ଶାଇଥାଏ (Chambers And Conway, ୧୯୯୧)। International Union for the Conservation of Nature and Natural Resources (IUCN) ବା ପ୍ରକୃତି ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ସଂଘର, World Conservation Strategy (WCS) ଆଧାରରେ ୧୯୮୦ ମସିହାରେ ଏହି ଧାରଣା ପ୍ରଥମେ ସାମ୍ନାକୁ ଆସିଥିଲା । ଏହା ପରେ WCWD ବା Brundland Commission ୧୯୮୭ ମସିହାର ନିଜ ରିପୋର୍ଟ 'Our Common Future'ରେ ସ୍ଥିରତା ବିକାଶ (WCED-World Commission on Environment and and Development, ୧୯୮୭) ଆଧାରରେ କୃଷି ସ୍ଥିରତାର ଭୂମିକାକୁ ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ଦୁଇଟି ସ୍ଥିରତାର ଧାରଣା ପ୍ରଚଳିତ । ଗୋଟିଏ ହେଲା, ଅର୍ଥନୀତିଜ୍ଞଙ୍କ ବିଶ୍ୱ ସ୍ଥିରତାର ଧାରଣା ଅର୍ଥନୈତିକ ଫଳାଫଳ, ଆୟ ଏବଂ ବ୍ୟବହାରର ଦୀର୍ଘକାଳୀନ ସ୍ଥିରତା ଉପରେ ଆଧାରିତ । ଦ୍ୱିତୀୟଟି ହେଉଛି,ପରିବେଶବିତ୍ ଏବଂ ଜୀବବିଜ୍ଞାନୀଙ୍କ ସ୍ଥିରତାର ଧାରଣା ଜୀବମଣ୍ଡଳର ଦୀର୍ଘକାଳୀନ ସ୍ଥିରତା ସହ ସମ୍ପର୍କ ରହିଛି ।

WCED (୧୯୮୭:୪୩) ରେ sustainable development ବା ବିକାଶର ସ୍ଥାୟୀତ୍ୱକୁ ଦର୍ଶାଯାଇଛି ଯେ, ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବାର କ୍ଷମତା ସହିତ ବୁଝାମଣା ନ କରି ବର୍ତ୍ତମାନର

ଆବଶ୍ୟକତାକୁ ମେଣ୍ଟାଇବା ହେଉଛି ବିକାଶ । ବିକାଶର ସ୍ଥାୟୀତ୍ୱ ଏହା ଆବଶ୍ୟକ କରେ ଯେ, ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାରେ ଆମେ ଆମର ପ୍ରାକୃତିକ ସମ୍ପଦ ଏବଂ ପରିବେଶ ସନ୍ତୁଳନକୁ ବଜାୟ ରଖିବା । ଏହାର ବ୍ୟବହାର ଏତେ ପରିମାଣରେ କରାଯିବା ଦରକାର ଯେତେ ପରିମାଣରେ ଏହାର ପ୍ରାକୃତିକ ଉପାୟରେ ପୁଣି ଥରେ ସୃଷ୍ଟି ହୋଇପାରିବ । ଆଉ ଆମେ 'ପ୍ରବାହ' ଉପରେ ବଞ୍ଚୁଥିବା ବେଳେ ପ୍ରାକୃତିକ ସମ୍ପଦ ଓ ପରିବେଶକୁ ଭଣ୍ଡାର କରି ରଖିପାରିବା ।

ବିକାଶର ସ୍ଥାୟୀତ୍ୱରେ ଦୁଇଟି ପ୍ରଶ୍ନ ହେଉଛି ଗୁରୁତ୍ୱପୂର୍ଣ୍ଣ

(କ) ବର୍ତ୍ତମାନର ବ୍ୟବହାର ପଦ୍ଧତିକୁ ଦେଖିଲେ ଆଉ କେତେ ଦିନ ଆମର ପ୍ରାକୃତିକ ସମ୍ପଦ ବଞ୍ଚିରହିବ ?

(ଖ) ଆମେ ଆମର ପ୍ରାକୃତିକ ସମ୍ପଦ ଏବଂ ପରିବେଶକୁ କିଭଳି ପରିଚାଳନା କରିବା ଯଦ୍ୱାରା ବର୍ତ୍ତମାନର ପିଢ଼ି ଯେଭଳି ଜୀବନ ବିତାଉଛନ୍ତି, ଆଗାମୀ ପିଢ଼ି ସେଭଳି ଜୀବନ ଯାପନ କରିପାରିବେ ?

ସମ୍ବଳର ଦୀର୍ଘକାଳ ରହିବା ନେଇ ଉଦ୍ଦିଷ୍ଟ ପ୍ରଥମ ପ୍ରଶ୍ନ ହେଉଛି ପ୍ରକୃତରେ ଏକ ଆକଳନା ଏବଂ ଗଣନା: କିଭଳି ପ୍ରଯୁକ୍ତି ବିଦ୍ୟା, ସ୍ୱାଦ, ଜନସଂଖ୍ୟା ଏବଂ ପ୍ରାକୃତିକ ସମ୍ପଦର ଉତଥାନ ପରିବେଶ ସାମଗ୍ରୀର ଭଣ୍ଡାରକୁ ପ୍ରଭାବିତ କରିପାରିବ ଯାହା ଗୋଟିଏ ବର୍ଷରୁ ପରବର୍ତ୍ତୀ ବର୍ଷ ପର୍ଯ୍ୟନ୍ତ ଉପଲବ୍ଧ ହେବ । ତେଣୁ ସ୍ଥିରତା ପଛରେ ଥିବା ନୈତିକତାର ଉଦ୍ଦେଶ୍ୟ ଭବିଷ୍ୟତ ପାଇଁ ଚିନ୍ତା ଉପରେ ଆଧାରିତ । ଏହି ଚିନ୍ତା ହେଲା ବର୍ତ୍ତମାନ ଯେଭଳି ଉତ୍ପାଦନ ସହ ବ୍ୟବହାର ଚାଲିଛି ଏହି ଧାରା ଆଗାମୀ ପିଢି ପାଇଁ ବିପଜ୍ଜନକ ହୋଇପାରେ।

ସମ୍ବଳଗୁଡ଼ିକ କେତେ ଦୀର୍ଘ ସ୍ଥାୟୀ ରହିବ ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଥିବା ବେଳେ ଅର୍ଥନୀତିଜ୍ଞ ଏବଂ ଯୋଜନା ପ୍ରସ୍ତୁତ କରୁଥିବା ବ୍ୟକ୍ତିବିଶେଷ ଏହାକୁ ନେଇ ଚିନ୍ତିତ ଯେ ବିଶ୍ୱରେ କୃଷି ଜମି, ମାଛ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ସରିବାକୁ ବସିଲାଣି । କେଉଁ ସମ୍ବଳକୁ ସ୍ଥାୟୀ ଭାବେ ଉପଯୋଗ କରାଯାଉଛି ତାହା ଜାଣିବା ଲାଗି ବିଭିନ୍ନ ପ୍ରକାରର ସୂଚକାଙ୍କ ବିକଶିତ କରାଯାଇଛି । ଅଧିକ ବିସ୍ତୃତ ସୂଚକାଙ୍କ ଏହି ତଥ୍ୟକୁ ଧ୍ୟାନରେ ରଖିଥାଏ ଯେ, ସ୍ୱାଦ ଓ ପ୍ରଯୁକ୍ତିରେ ପରିବର୍ତ୍ତନ ଦ୍ୱାରା ଭବିଷ୍ୟତର ଚାହିଦା କମିଯାଇପାରେ କିନ୍ତୁ ପ୍ରାକୃତିକ ପୁର୍ନଜନ୍ମ, ବିଶେଷ କରି ଜୈବିକ ସମ୍ପଦ ପାଇଁ ବୃଦ୍ଧି ପାଉଥିବା ଚାହିଦା ସହିତ ତାଳମେଳ ଲାଗି ଭଣ୍ଡାର ବଢ଼ିପାରେ ।

ସ୍ଥିରତାର ଦ୍ୱିତୀୟ ପ୍ରଶ୍ନ 'କିଭଳି ଆମେ ଆମର ସମ୍ପଦ ପରିଚାଳନା କରିବା' ଆବଶ୍ୟକ କରୁଛି ଯେ, ଆମ ନିକଟରେ ପରିଚାଳନାର କିଛି ଲକ୍ଷ୍ୟ ରହିଛି, ଯାହାଦ୍ୱାରା ପିଢ଼ି ପରେ ପିଢ଼ି ଏହାକୁ ବଣ୍ଟାଯାଇପାରିବ । ସ୍ଥିରତା ସହ ସମ୍ପର୍କକୁ ସ୍ଥାପନ କଲେ, ସେଠାରେ ଦୁର୍ବଳ ସ୍ଥିରତା ଏବଂ ଦୃଢ ସ୍ଥିରତା ବିଚାରକୁ ଆସିଥାଏ । ଦୁର୍ବଳ ସ୍ଥିରତାର ଚିନ୍ତାଧାରା ହେଉଛି ପ୍ରାକୃତିକ ସମ୍ପଦକୁ ଆମେ ସେପର୍ଯ୍ୟନ୍ତ ବ୍ୟବହାର କରିପାରିବା ଯେପର୍ଯ୍ୟନ୍ତ ଏହାର ସମାନ ମୂଲ୍ୟର କୃତ୍ରିମ ସମ୍ପଦ ସୃଷ୍ଟି ନ ହୋଇଛି । ଏହାର ଆଉ ଏକ ଅର୍ଥ ହେଲା ଉତ୍ପାଦନ ଓ ଉପଯୋଗିତାରେ ଆମେ ପ୍ରାକୃତିକ ସମ୍ପଦ ବଦଳରେ ମନୁଷ୍ୟକୃତ ସମ୍ପଦକୁ ନେଇପାରିବା । ଏହାଦ୍ୱାରା ପରିବେଶ ମାନର ଉନ୍ନତି ହେବା ସହ ଅର୍ଥନୈତିକ ଅଭିବୃଦ୍ଧିକୁ ସାମିଲ କରାଯାଇପାରିବ । ତେବେ ଦୃଢ଼ ସ୍ଥିରତା ଏହାର ସମ୍ପୂର୍ଣ୍ଣ ଓଲଟା । ବର୍ତ୍ତମାନ ଥିବା ପ୍ରାକୃତିକ ସମ୍ପଦର ରକ୍ଷଣାବେକ୍ଷଣ ସହ ବୃଦ୍ଧି କରାଯିବା ଦରକାର । କାରଣ ଏହାକୁ ମାନବ ନିର୍ମିତ ସମ୍ପଦରେ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ବର୍ତ୍ତମାନର ଉତ୍ପାଦନ ପଦ୍ଧତି, ଉପଯୋଗିତା ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଅଣ-ସ୍ଥିରତାର ବହୁ ସୂଚକାଙ୍କ ରହିଛି । ଏଥିରେ ଜମିକ୍ଷୟ, କ୍ଷୟ ଏବଂ ଜଳସମ୍ପଦ ହ୍ରାସ, ଜଙ୍ଗଲ ସମ୍ପଦର ହ୍ରାସ ଓ କ୍ଷୟ, ପାରମ୍ପରିକ ଶକ୍ତି ହ୍ରାସ, ଜୈବବିବିଧତାର କ୍ଷତି, ପରିବେଶ ପରିବର୍ତ୍ତନ ଏବଂ ଓଜୋନ ଲେୟର ହ୍ରାସ ।

**ନିଜର ଅଗ୍ରଗତି ଯାଞ୍ଚ କରନ୍ତୁ -୨**

ନୋଟ୍: (କ) ଦିଆଯାଇଥିବା ଖାଲି ସ୍ଥାନରେ ନିଜର ଉତ୍ତର ଲେଖନ୍ତୁ

(ଖ) ଏହି ଅଧ୍ୟାୟର ଶେଷରେ ଦିଆଯାଇଥିବା ସମ୍ଭାବ୍ୟ ଉତର ସହ ନିଜର ଉତ୍ତର ମେଳାଇ ଦିଅନ୍ତୁ ।

(୧) ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPA)ର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କ'ଣ ?

Ans. ____________________________________________

____________________________________________

____________________________________________

____________________________________________

____________________________________________

୨) ମରୁଭୂମି ବିକାଶ କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ କ'ଣ ?

Ans. ____________________________________________

____________________________________________

____________________________________________

____________________________________________

____________________________________________

## ୨.୬ ଉପସଂହାର

ଜଳଛାୟା ପରିଚାଳନାର ପରିସରର ଅଧିନରେ ଆମେ ଜମି, ଜଳ ଏବଂ ଅନ୍ୟାନ୍ୟ ସମ୍ବଳର ବିକାଶ କରିଥାଉ । ଏହି ଉପାୟରେ ଆମେ ବର୍ତ୍ତମାନର ଆବଶ୍ୟକତାକୁ ମେଣ୍ଟାଇପାରିବ । କିନ୍ତୁ ଆମେ ପରିବେଶର ସନ୍ତୁଳନ ଉପରେ କୌଣସି ବାଧା ସୃଷ୍ଟି କରିବା ନାହିଁ ଯଦ୍ୱାରା ଭବିଷ୍ୟତ ପିଢ଼ି ପ୍ରଭାବିତ ହେବେ । ତେଣୁ ଆମେ ଦେଖିବା କଥା ଯେତେବେଳେ ବି ଆମେ ଜଳଛାୟା ପରିଚାଳନା ଆରମ୍ଭ କରିବାକୁ ଯାଉଛେ ସେତେବେଳେ ଯୋଜନା ସ୍ଥିର ହେବା ଦରକାର । ଆଉ ଆମେ ସ୍ଥିରତା ବିକାଶ ଉପରେ ଗୁରୁତ୍ୱ ଦେବା ଦରକାର । ସ୍ଥିରତା ବିକାଶର ଲକ୍ଷ୍ୟ ହେଲା ଆମେ ଅର୍ଥନୀତି, ବିଜ୍ଞାନର ବିକାଶ ଏବଂ ପରିବେଶକୁ ଏଭଳି

ଭାବରେ ମିଶାଇବା ଯଦ୍ୱାରା ପରିବେଶ ଅନୁକୂଳ ବିକାଶ କରିପାରିବା । ତେଣୁ ପରିବେଶ ବିଜ୍ଞାନକୁ ମଧ୍ୟ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରେ ।

ଦାରିଦ୍ର୍ୟର ଆଶଙ୍କା, ଜନସଂଖ୍ୟା ଅଭିବୃଦ୍ଧି ଏବଂ ପରିବେଶ କ୍ଷୟର ମୁକାବିଲା କରିବ ସ୍ଥିରତା ବିକାଶ । ଭାରତ ଭଳି ଦେଶରେ ଜନସଂଖ୍ୟା ବୃଦ୍ଧି ହେଉଛି ବଡ଼ ସମସ୍ୟା । ତେଣୁ ଜଳଛାୟା ପରିଚାଳନାକୁ ସାମଗ୍ରିକ ଯୋଜନା ଭାବେ କାର୍ଯ୍ୟକାରୀ କରିବା ଦରକାର ।

## ୨.୭ ପ୍ରମୁଖ ଶବ୍ଦ

**ମରୁଡି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP) :** ୧୯୭୩ ମସିହାରେ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP) ଆରମ୍ଭ ହୋଇଥିଲା । ଜମି, ଜଳ ଓ ପ୍ରାଣୀ ସମ୍ପଦର ଅଧିକ ବ୍ୟବହାର, ପ୍ରାକୃତିକ ସନ୍ତୁଳନର ପୁନଃଥଇଥାନ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଆୟକୁ ସ୍ଥିରତା ଆଣିବା ଏହି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି କାର୍ଯ୍ୟକ୍ରମର ପ୍ରମୁଖ ଅଙ୍ଗଗୁଡ଼ିକ ହେଉଛି –

(କ) ଜଳସମ୍ପଦର ବିକାଶ ଓ ପରିଚାଳନା, (ଖ) ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ, (ଗ) ସାମାଜିକ ଓ କୃଷି ଜଙ୍ଗଲ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବନୀକରଣ କାର୍ଯ୍ୟକ୍ରମ, (ଘ) ଗୋଚର ଜମିର ବିକାଶ ଏବଂ ମେଣ୍ଢା ପାଳନର ବିକାଶ, (ଙ) ଗୋପାଳନ ଓ ପ୍ରାଣୀଧନର ବିକାଶ, (ଚ) ଚାଷ ପଦ୍ଧତିର ପୁର୍ନଗଠନ ଏବଂ କୃଷି ସମ୍ପର୍କିତ ଅଭ୍ୟାସରେ ପରିବର୍ତ୍ତନ ଏବଂ (ଛ) ସହାୟକ ବ୍ୟବସାୟର ବିକାଶ ।

**ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP) :** ମରୁଭୂମି ଅଞ୍ଚଳରେ ବଞ୍ଚି ରହିଥିବା ଜଙ୍ଗଲକୁ ନଷ୍ଟ ହେବାକୁ ରୋକିବା ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP)ର ମୁଖ୍ୟ ଲକ୍ଷ୍ୟ । ଏଥିସହିତ ସ୍ଥାନୀୟ ସମ୍ବଳର ଉତ୍ପାଦନ ବୃଦ୍ଧି କରି ସ୍ଥାନୀୟ ଅଧିବାସୀଙ୍କ ଆୟ ଏବଂ ରୋଜଗାର ସ୍ତରକୁ ବଢ଼ାଇବାରେ ମଧ୍ୟ ଏହା ସହାୟକ ହୋଇଥାଏ । ଦେଶର ଉଭୟ ଗ୍ରୀଷ୍ମ ଓ ଥଣ୍ଡା ପ୍ରବାହିତ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

ଏହି ଯୋଜନାରେ ଅଦରକାରୀ ଜମିର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଯଦ୍ୱାରା ପରିବେଶ ସନ୍ତୁଳନ ହେବା ସହିତ ବାଲି କ୍ଷୟକୁ ରୋକିବା ସହ ମୃତ୍ତିକା ଓ ଜଳ ସଂରକ୍ଷଣ ହୋଇଥାଏ । ଆଶ୍ରୟ ଦେଉଥିବା ବଡ଼ ବୃକ୍ଷ ରୋପଣ, ଜଳସେଚନ କୌଶଳ ଗ୍ରହଣ ତଥା ପ୍ରାଣୀଧନ ଅର୍ଥନୀତିକୁ ବଜାୟ ରଖିବା ଲାଗି ତୃଣମୂଳ ଜମିର ବିକାଶ ହେଉଛି ଏହି କାର୍ଯ୍ୟକ୍ରମ ଅଧିନରେ କରାଯାଉଥିବା କିଛି ରଣନୀତି । ଗୋଖାଦ୍ୟ ପାଇଁ ଜମି, ତୃଣଭୂମି ଲାଗି ଜମି ବ୍ୟବହାର କରିବାକୁ ଏଥିରେ ପ୍ରସ୍ତାବ ରହିଛି ।

**ସମନ୍ୱିତ ପତିତଜମି ବିକାଶ କାର୍ଯ୍ୟକ୍ରମ (IWDP) :** ୧୯୮୫-୮୬ ମସିହାରେ କେନ୍ଦ୍ର ସରକାରଙ୍କ ସହାୟତାରେ ଆରମ୍ଭ କରାଯାଇଥିଲା ସମନ୍ୱିତ ପତିତଜମି ବିକାଶ କାର୍ଯ୍ୟକ୍ରମ (IWDP) । ଭାରତରେ ଚାଷ ଅନୁପଯୋଗୀ ପତିତଜମିର ସଂରକ୍ଷଣ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଏଥିରେ ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ସଂରକ୍ଷଣ, ଲୋକଙ୍କୁ ରୋଜଗାର, ତୃଣଭୂମିର ବିକାଶ ଏବଂ ମାଟିକୁ ସୁହାଉଥିବା ଚାଷ ପଦ୍ଧତି ଯୋଗାଇବା ତଥା ମାଟି ଓ ତାର ପୋଷକ ତତ୍ତ୍ୱର ପରିଚାଳନାର ପୁନରୁଦ୍ଧାରକୁ ସାମିଲ କରାଯାଇଛି । ପତିତ ଜମି ହେଉଛି, ଅନାବାଦୀ ଜମି ଯାହାକୁ ବିଭିନ୍ନ ପଦକ୍ଷେପ ଦ୍ୱାରା ଚାଷ ଉପଯୋଗୀ କରାଯାଇପାରିବ। ଉପଯୁକ୍ତ ଜଳ ଏବଂ ମୃତ୍ତିକା ସଂରକ୍ଷଣର ଅଭାବ ତଥା ପ୍ରାକୃତିକ କାରଣରୁ ପତିତ ଜମି ସୃଷ୍ଟି ହୋଇଥାଏ ।

## ୨.୮ ସହାୟକ ପୁସ୍ତକ


- **ଦେଶାଇ, ବସନ୍ତ (୨୦୦୯):** Rural Development in India, Himalaya Publishing House, Mumbai.
- **ମହାଜନ,ଆର.କେ.(୧୯୯୧):** Integrated Rural Development Programme, Concept Publising Company, New Delhi
- ମେହତା, ଶିବ ଆର୍. (୧୯୮୪):Rural development Policies and Programmes, Sage Publications
- **ସିଂ କତାର (୧୯୮୬):** Rural Development-Principles, Policies and Management, Sage Publications (India) Pvt. Ltd, New Delhi


## ୨.୯ ନିଜ ଅଗ୍ରଗତି ଯାଞ୍ଚ କରନ୍ତୁ-ସମ୍ଭାବ୍ୟ ଉତ୍ତର

### ନିଜ ଅଗ୍ରଗତି ଯାଞ୍ଚ କରନ୍ତୁ -୧

୧) ସାଧାରଣତଃ ବ୍ୟାକ୍‌ୱାର୍ଡ ଲିଙ୍କେଜ୍‌ରେ ଇନ୍‌ପୁଟ୍ ଏବଂ ପ୍ରଶିକ୍ଷାର୍ଥୀଙ୍କୁ ଭିତ୍ତିଭୂମି ସହାୟତା ଯୋଗାଇଥାଏ । ଅନ୍ୟପକ୍ଷରେ ଫର୍‌ୱାର୍ଡ ଲିଙ୍କେଜ୍ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଚାର ଉପରେ ଉଦ୍ୟମ କରାଯିବ । ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏ ସବୁ ଲିଙ୍କେଜ୍ ଯୋଗାଇବା ଲାଗି ସମନ୍ୱୟ କରିବା ଦାୟିତ୍ୱ ଡିଆରଡିଏର । ତେଣୁ ଏଭଳି ଲିଙ୍କେଜ୍ ଯୋଗାଉଥିବା ସଂସ୍ଥାଗୁଡିକ ସହିତ ସମ୍ପର୍କରେ ରହିବା ଆବଶ୍ୟକ । ଢାଞ୍ଚାଗତ ସହାୟତା ଯୋଗାଇବା ପାଇଁ ସରକାରୀ ଉଦ୍ୟୋଗଗୁଡ଼ିକୁ ବି ଚୟନ କରିବା ଦରକାର । ଏଭଳି ସଂସ୍ଥାର ବିକାଶ ପାଇଁ IRDP ଅଧୀନରେ ଥିବା ଅର୍ଥକୁ ବ୍ୟବାହାର କରାଯାଇପାରେ । ତେବେ ଜିଲ୍ଲା ସମବାୟ ବିପଣନ ସମିତି ବା ଡିସିଏମ୍ଏସ୍ ମଧ୍ୟ IRDP ସାମଗ୍ରୀ ପାଇଁ ବଜାର ବିକ୍ରି ବ୍ୟବସ୍ଥା ଯୋଗାଇବା ଦରକାର । ଏହା ବାଦ ସ୍ଥାନୀୟ ବଜାର ଏବଂ ନିୟନ୍ତ୍ରିତ କୃଷି ବଜାର ମଧ୍ୟ ପ୍ରଶିକ୍ଷାର୍ଥୀଙ୍କ ଉତ୍ପାଦର ବିକ୍ରି ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି।

୨) MGNREG ଆଇନର ବିଶେଷତ୍ୱ

- ସଠିକ ଆଧାରିତ ଢାଞ୍ଚା
- ସମୟସୀମା ମଧ୍ୟରେ ଗ୍ୟାରେଣ୍ଟି
- ମହିଳା ସଶକ୍ତୀକରଣ
- କାର୍ଯ୍ୟକ୍ଷେତ୍ରରେ ବ୍ୟବସ୍ଥା
- ଡିସେଣ୍ଟ୍ରାଲାଇଜଡ୍ ଯୋଜନା
- ଶ୍ରମଯୁକ୍ତ କାମ
- ସାଧାରଣ ଉତ୍ତରଦାୟିତ୍ୱତା
- ସ୍ୱଚ୍ଛତା
- ଅନୁମତି ଦିଆଯାଉଥିବା କାର୍ଯ୍ୟ
- ଆର୍ଥିକ ଅନୁଦାନ

୩) NRLM ର ସହାୟକ ଢାଞ୍ଚା

NRLM ଜାତୀୟ ସ୍ତରରେ ନ୍ୟାସନାଲ ମିଶନ ମ୍ୟାନେଜମେଣ୍ଟ ୟୁନିଟ (NMMU), ପରାମର୍ଶଦାତା କମିଟି (AC), ସମନ୍ୱୟ କମିଟି (CC), ସଶକ୍ତୀକରଣ କମିଟି (EC), ରାଜ୍ୟସ୍ତରରେ ରାଜ୍ୟ ଗ୍ରାମୀଣ ଜୀବିକା ମିଶନ (SRLM), ରାଜ୍ୟ ମିଶନ୍ ମ୍ୟାନେଜମେଣ୍ଟ ୟୁନିଟ (SMMU), ଜିଲ୍ଲା ସ୍ତରରେ ଜିଲ୍ଲା ମିଶନ ମ୍ୟାନେଜମେଣ୍ଟ ୟୁନିଟ୍ (DMMU), ବ୍ଲକସ୍ତରରେ ବ୍ଲକ ମିଶନ ମ୍ୟାନେଜମେଣ୍ଟ ୟୁନିଟ (BMMU) ଏବଂ ସବ୍-ବ୍ଲକସ୍ତରରେ ପ୍ରୋଜେକ୍ଟ ସହାୟକ ଟିମ୍ (PFTs) ଭଳି ସମର୍ପିତ ସହାୟକ ଢାଞ୍ଚାଗୁଡ଼ିକ ଜରିଆରେ କାମ କରିଥାଏ । ଆଉ ଏଗୁଡ଼ିକ ସାମାଜିକ ସମାବେଶକୁ ତ୍ୱରାନ୍ୱିତ କରିବା, ସଂସ୍ଥାନ, ଦକ୍ଷତା ଏବଂ କୌଶଳ ନିର୍ମାଣ, ଆର୍ଥିକ ସମାବେଶର ସୁବିଧା ପ୍ରଦାନ ତଥା ଆର୍ଥିକ ସେବା ହାସଲ, ଜୀବନଜୀବିକା ଓ ସମାବେଶକୁ ସମର୍ଥନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅଂଶଗ୍ରହଣକାରୀଙ୍କ ସହ ଭାଗିଦାରୀକୁ ବି ସମର୍ଥନ କରିଥାଏ । ନିକଟରେ ୨୦୧୩ ମସିହା ମେ ୬ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ସୋସାଇଟି ପଞ୍ଜୀକରଣ ଆଇନ୍ ଅଧୀନରେ ଜାତୀୟସ୍ତରରେ ଜାତୀୟ ଗ୍ରାମୀଣ ଜୀବନଜୀବିକା ପ୍ରୋତ୍ସାହନ ସୋସାଇଟି (NRLPS) ପ୍ରତିଷ୍ଠା କରିବା ଲାଗି ନିଷ୍ପତି ନେଇଥିଲା । NRLPS ଏକ ସ୍ୱୟଂଶାସିତ ସଂସ୍ଥା ଯେଉଁଥିରେ ଯଥେଷ୍ଟ ସଂଖ୍ୟକ କର୍ମଚାରୀ ଥିବେ, ଆଉ ଏହା ପେଶାଦାର ଢଙ୍ଗରେ ପରିଚାଳିତ ହେବା ସହ ସଶକ୍ତୀକରଣ ଏଜେନ୍ସି ଭାବେ କାମ କରିବ । ସର୍ବୋପରି ଏହା ଏକ ବୈଷୟିକ ସହାୟକ ୟୁନିଟ୍ ଭାବେ କାମ କରିବ ।

## ନିଜ ଅଗ୍ରଗତି ଯାଞ୍ଚ କରନ୍ତୁ-୨

୧. ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPA)ର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି -

ଏହି କାର୍ଯ୍ୟକ୍ରମର ପ୍ରମୁଖ ଅଙ୍ଗଗୁଡ଼ିକ ହେଉଛି-(କ) ଜଳସମ୍ପଦର ବିକାଶ ଓ ପରିଚାଳନା, (ଖ) ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ, (ଗ) ସାମାଜିକ ଓ କୃଷି ଜଙ୍ଗଲ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବନୀକରଣ କାର୍ଯ୍ୟକ୍ରମ, (ଘ) ଗୋଚର ଜମିର ବିକାଶ ଏବଂ ମେଣ୍ଢା ପାଳନର ବିକାଶ, (ଙ) ଗୋପାଳନ ଓ ପ୍ରାଣୀଧନର ବିକାଶ, (ଚ) ଚାଷ ପଦ୍ଧତିର ପୁର୍ନଗଠନ ଏବଂ କୃଷି ସମ୍ପର୍କିତ ଅଭ୍ୟାସରେ ପରିବର୍ତ୍ତନ ଏବଂ (ଛ) ସହାୟକ ବ୍ୟବସାୟର ବିକାଶ ।

୨. ମରୁଭୂମି ବିକାଶ କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ହେଉଛି -

- ଶସ୍ୟ, ମନୁଷ୍ୟ ଏବଂ ପଶୁଙ୍କ ଉପରେ ପ୍ରତିକୂଳ ପାଗ ଏବଂ ଜଙ୍ଗଲକ୍ଷୟ ପ୍ରଭାବର ମୁକାବିଲା କରିବା
- ଜମି, ଜଳ ବନସ୍ପତି ଆବରଣ ଏବଂ ଜମି ଉତ୍ପାଦନକୁ ବଢ଼ାଇବା ଭଳି ପ୍ରାକୃତିକ ସମ୍ପଦର ବିକାଶ, ସଂରକ୍ଷଣ ଏବଂ କାମରେ ପରିବେଶ ସନ୍ତୁଳନକୁ ପୁର୍ନସ୍ଥାପନ କରିବା
- ଜମି ବିକାଶ, ଜଳସମ୍ପଦର ବିକାଶ ଏବଂ ବନୀକରଣ/ତୃଣଭୂମିର ବିକାଶ ପାଇଁ ଜଳଛାୟା ଆଭିମୁଖ୍ୟ ଦ୍ୱାରା ବିକାଶ କାମର କାର୍ଯ୍ୟକାରିତା ।

❑❑❑